## ଛେନା ପୁର ମଣ୍ଡା ପିଠା

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥରେ ଅରୁଆ ଚଉଳକୁ ପାଣିରେ ଭିଜାଇ ରଖନ୍ତୁ। କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ। ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ନଡ଼ିଆ। କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ। ଆପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ ପକାଇ ପାରିବେ। ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ପାଣି ଫୁଟିଯିବା ପରେ ଚଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଲାନ୍ତୁ। ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୂର ଦେଇ ଗୋଲ ଗୋଲ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ। ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା।



### ····· ପରଦା ଖବର ·····

## ପୁଣି ଥରେ ମା' ହେବେ ଭାରତୀ ସିଂ



ପୁଣି ଥରେ ମା' ହେବେ କମେଡିଆନ୍ ଭାରତୀ ସିଂ । ଏହି ଖୁସି ଖବରକୁ ସେ ନିଜେ ଏକ ଫଟୋ ସହିତ ସୋସିଆଲ ମିଡିଆରେ ସେୟାର କରିଛନ୍ତି । ଯେଉଁଥିରେ ତାଙ୍କ ବେବି ବମ୍ପକୁ ଫ୍ଲା□ କରୁଥିବାର ଦେଖିବାକୁ ମିଳିଛି । ଏଥି ସହିତ ସେହି ଫଟୋରେ ତାଙ୍କ ସ୍ୱାମୀ ହର୍ଷ ଲିବାଚିୟାଙ୍କୁ ମଧ ଦେଖିବାକୁ ମିଳିଛି ।ଏହାରି ମଧରେ ଭାରତୀ ସିଂ ଏବଂ ତାଙ୍କ ସ୍ୱାମୀଙ୍କ ଏକ ଫଟୋକୁ ଇନଷ୍ଟାଗ୍ରାମରେ ପୋଷ୍ଟ ହୋଇଛି । ଯେଉଁଥିରେ ଭାରତୀଙ୍କ ବେବି ବମ୍ପକୁ ତାଙ୍କ ସ୍ୱାମୀ ଧରିଥିବାର ଦେଖିବାକୁ ମିଳିଛି । ସେୟାର ହୋଇଥିବା ଏହି ପୋଷ୍ଟରେ ଉଭୟେ ଖୁସି ନଜର ଆସିଛନ୍ତି । ଏହି ଫଟୋ ସେୟାର କରିବା ସହିତ ସେମାନେ ପୁଣି ଥରେ ବାପା-ମା ହେବାକୁ ଯାଉଛନ୍ତି ବୋଲି କ୍ୟାପସନରେ ଲେଖିଛନ୍ତି ।ଆପଣଙ୍କୁ କହି ରଖୁଛୁ ଯେ, ଭାରତୀ ଭାରତୀ ୩ ଏପ୍ରିଲରେ ପୁତ୍ର ସନ୍ତାନକୁ ଜନ୍ମ କରି ପ୍ରଥମ ଥର ପାଇଁ ମା' ହୋଇଥିଲେ । କିନ୍ତୁ ସେ ଝିଅଟିଏ ଚାହାଁନ୍ତି ବୋଲି କରୀନା କପୁରଙ୍କ ଏକ ଶୋ' ହ୍ୱାଟ୍ ଓମେନ୍ ୱା□ ରେ କହିଥିଲେ । ଏହା ବ୍ୟତୀତ ସେ ଗତ ମାସ ଗଣେଶ ଚତୁର୍ଥୀରେ ଆରତୀ କରିବା ସମୟରେ କନ୍ୟା ସନ୍ତାନ ପାଇଁ ବାପ୍ପାଙ୍କ ପାଖରେ ପ୍ରାର୍ଥନା କରିଥିଲେ ।ସେପଟେ ଭାରତୀ ତାଙ୍କ ବ୍ଲଗ କରିଥିଲେ ଯ ଯାହାର ଥମନେଲ୍ ''ଗୋଲା ବଡ଼ ଭାଇ ହେବାକୁ ଯାଉଛି '' ବୋଲି ରଖିଥିଲେ । ଯାହାକୁ ଦେଖିବା ପରେ ଫ୍ୟାନ୍ସ ଖୁବ୍ ଉତ୍ସାହିତ ହୋଇ ପ୍ରତିକ୍ରିୟା ଦେଉଛନ୍ତି । ପରିଣୀତି ଚୋପ୍ରା ମଧ ଭାରତୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଶିବଙ୍କ ପ୍ରସିଦ୍ଧ ଶିଷ୍ୟ



ଭଗବାନ ଶିବଙ୍କୁ ଆଦି ଗୁରୁ କୁହାଯାଏ। ମହାଦେବଙ୍କ କୌଣସି ଆଦି କିମ୍ବା ଅନ୍ତ ନାହିଁ । ତାଙ୍କ ଉତ୍ପତି କିମ୍ବା ଅନ୍ତ ବିଷୟରେ କିଛି ଜଣାଯାଏ ନାହିଁ । ସେ ପରମପିତା ପରମେଶ୍ୱର । ଭଗବାନ ଶିବ ଗୁରୁ ଭାବେ ଅନେକ ଶିଷ୍ୟଙ୍କୁ ଜ୍ଞାନ ପ୍ରଦାନ କରିଥିଲେ । ତାଙ୍କୁ ସୃଷ୍ଟିର ପ୍ରଥମ ଗୁରୁ କୁହାଯାଏ । ଭଗବାନ ବିଷ୍ଣୁଙ୍କ ଅବତାର ପର୍ଶୁରାମ ଅସ୍ତ୍ରଶସ୍ତ୍ର ଶିକ୍ଷା ମହାଦେବଙ୍କ ଠାରୁ ଗ୍ରହଣ କରିଥିଲେ । ଶିବଙ୍କ ଦ୍ୱାରା ପ୍ରଦତ୍ତ ପର୍ଶୁ(ପର୍ଶୁ) କାରଣରୁ ଋଷି ଜମଦଗ୍ନିଙ୍କ ପୁତ୍ର ରାମଙ୍କ ନାମ ପର୍ଶୁରାମ ହୋଇଥିଲେ । ଏହି ମହା ଅସ୍ତ୍ର ଦ୍ୱାରା ପର୍ଶୁରାମ ପୃଥିବୀକୁ ୨୧ ଥର କ୍ଷତ୍ରିୟ ମୁକ୍ତ କରିଥିଲେ । ବ୍ରହ୍ମବୈବର୍ତ୍ତ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ନାଗରାଜ ବାସୁକୀଙ୍କ ଭଉଣୀ ଜରତ୍କାରୁଙ୍କ ଗୁରୁ ମଧ ଭଗବାନ ଶିବ ଥିଲେ । ଦାନବମାନଙ୍କର ଗୁରୁ ଶୁକ୍ରାଚାର୍ଯ୍ୟ ଭଗବାନ ଶିବଙ୍କ ଠାରୁ ମୃତ ସଞ୍ଜିବନୀ ବିଦ୍ୟା ଗ୍ରହଣ କରିଥିଲେ । ଥରେ ଦେବତା ଏବଂ ଦାନବଙ୍କ ମଧରେ ଭୟଙ୍କର ଯୁଦ୍ଧ ହୋଇଥିଲା । ଦେବତାମାନେ ବିଜୟୀ ହେବା ସହିତ ରାକ୍ଷସମାନଙ୍କୁ ବଧ କରିଥିଲେ । ମାତ୍ର ଶୁକ୍ରାଚାର୍ଯ୍ୟ ନିଜ ମୃତ ସଞ୍ଜିବନୀ ବିଦ୍ୟା ବଳରେ ପୁଣିଥରେ ଅସୁରମାନଙ୍କୁ ଜୀବନଦାନ ଦେଇଥିଲେ । ଏହା ଦେଖି ଶୁକ୍ରାଚାର୍ଯ୍ୟଙ୍କୁ ଭଗବାନ ଶିବ ଗିଳି ଦେଇଥିଲେ । ଯୁଦ୍ଧ ଶେଷ ହେବା ପରେ ତାଙ୍କୁ ବାହାରକୁ ବାହାର କରିଥିଲେ । ଶିବଙ୍କ ଦ୍ୱାରା ପୁନଃ ଉତ୍ପନ୍ନ ହୋଇଥିବା କାରଣରୁ ମାତା ପାର୍ବୀତ ଶୁକ୍ରାଚାର୍ଯ୍ୟଙ୍କୁ ନିଜ ପୁତ୍ର ରୂପେ ଗ୍ରହଣ କରିଥିଲେ ।

## ଘରେ ପ୍ରସ୍ତୁତ କରନ୍ତୁ ଗୁଡୁଚି କାଢ଼ା

ଆୟୁର୍ବେଦ ଅନୁସାରେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ପାଇଁ ଗିଲୋଇ ବା ଗୁଡୁଚି ରସ ସାହାଯ୍ୟ କରିଥାଏ। ମହାମାରୀ କରୋନାରୁ ରକ୍ଷା ପାଇବା ପାଇଁ ଆୟୁଷ ମନ୍ତ୍ରଣାଳୟ ମଧ ଗିଲୋଇ କାଢ଼ା ପିଇବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଛି। ଗୁଡୁଚି କାଢ଼ା ପିଇଲେ ଡେଙ୍ଗୁ, ଚିକେନଗୁନିଆ ଓ ଜ୍ୱର ଆଦି ଭଲ ହୋଇଥାଏ। ତେବେ ବଜାରରେ ମିଳୁଥିବା ଗିଲୋଇ ରସ ନକିଣି ଆପଣ ଚାହିଁଲେ ଗିଲୋଇ ଗଛର ପତ୍ର ଓ ଡାଳ ମିଶାଇ ଘରେ ମଧ ଗିଲୋଇ କାଢ଼ା ପ୍ରସ୍ତୁତ କରିପାରିବେ। ଆସନ୍ତୁ ଜାଣିବା ଗୁଡୁଚି କାଢ଼ା କିପରି ପ୍ରସ୍ତୁତ ହୋଇଥାଏ।





ଗୁଡୁଚି କାଢ଼ା ପାଇଁ ଆବଶ୍ୟକ ସାମଗ୍ରୀ: ଦୁଇ କପ୍ ପାଣି, ଗିଲୋଇ ଡାଳ ବା ପତ୍ରରୁ କିଛି, ୧ ଚାମଚ ହଳଦୀ, ଦୁଇ ଇଞ୍ଚର ଅଦା, ୬ରୁ ୭ଟି ତୁଳସୀ ପତ୍ର ଓ ସ୍ୱାଦ ଅନୁସାରେ ଗୁଡ଼।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଦୁଇ କପ୍ ପାଣିକୁ ଅଳ୍ପ ଆଞ୍ଚରେ ଫୁଟାଇ ଦିଅନ୍ତୁ। ଏହି ପାଣିରେ ଗିଲୋଇ, ଅଦା, ହଳଦୀ, ତୁଳସୀ ପତ୍ର ଓ ଗୁଡ଼ ପକାଇ କିଛି ସମୟ ପାଇଁ ଫୁଟାନ୍ତୁ। ପାଣି ଅଧା ହୋଇଗଲେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ଏହାପରେ ଏକ ସଫା କପଡ଼ା ବା ଛଣାରେ ଏହି କାାକୁ ଛାଣି ଦିଅନ୍ତୁ।

ଗୁଡୁଚି କାଢ଼ାରୁ ମିଳୁଥିବା ସ୍ୱାସ୍ଥ୍ୟ ଲାଭ

୧. ଗିଲୋଇ କାଢ଼ା ପିଇଲେ ରୋଗ ପ୍ରତିରୋଧ ଶକ୍ତିର କ୍ଷମତା ବଢ଼ିଥାଏ ଏବଂ ଏଥିରେ ଥିବା ଅଦା ଓ ହଳଦୀ ଶରୀରକୁ ଇନଫେକସନଠାରୁ ରକ୍ଷା କରିଥାଏ।

୨. ଡେଙ୍ଗୁ ହେଲେ ଶରୀରରେ ପ୍ଲେଟ୍ଲେଟ୍ ସଂଖ୍ୟା କମ୍ ହୋଇଥାଏ। ଏହି ସମୟରେ ରୋଗୀଙ୍କୁ ଗିଲୋଇ କାଢ଼ା ଦେଲେ ପ୍ଲେଟ୍ଲେଟ୍ ସଂଖ୍ୟା ବୃଦ୍ଧି ପାଇଥାଏ।

ତେବେ ମନେରଖନ୍ତୁ, ପ୍ରତିଦିନ ଗୋଟିଏ କପରୁ ଅଧିକ ଗୁଡୁଚି କାଢ଼ା ପିଅନ୍ତୁ ନାହିଁ।

## ସମାଜ ମଙ୍ଗଳ ଉଦ୍ଦେଶ୍ୟରେ କରନ୍ତୁ ଜ୍ଞାନର ଉପଯୋଗ



ବେଦ ହେଉଛି ହିନ୍ଦୁ ମାନଙ୍କ ଧର୍ମ ଗ୍ରନ୍ଥ ଭାବେ ଧରାଯାଏ । ଋକ୍ , ଯଜୁର୍, ସାମ, ଅଥର୍ବ ଭାବେ ବେଦକୁ ଚାରି ଭାଗରେ ବିଭକ୍ତ କରାଯାଇଛି । କିନ୍ତୁ ହିନ୍ଦୁ ଧର୍ମରେ ମହାଭାରତକୁ ପଞ୍ଚମ ବେଦ ଭାବେ ପରିଗଣିତ କରାଯାଏ । ଆଉ ମଧ ବିଶ୍ୱାସ କରାଯାଏ କି ପ୍ରତ୍ୟେକ ଭାରତୀୟ ନିଜ ଜୀବନ କାଳ ଭିତରେ ନିହାତି ଭାବେ ମହାଭାରତ ପଢିବା ଉଚିତ । କାରଣ ଏଥିରେ ସାଧାରଣ ଜୀବନ ଚର୍ଯ୍ୟା, ଧର୍ମ, ରାଜନୀତି ଭଳି ଅତି ଗୁରତ୍ୱପୂର୍ଣ୍ଣ ବିଷୟ ଗୁଡିକ ଉପରେ ବ୍ୟାଖ୍ୟା କରାଯାଇଛି । ଆଉ ମଧ କୁହାଯାଏ ମହାଭାରତ ହିଁ ଜୀବନ ବଞ୍ଚିବାର ପ୍ରକୃତ ମାର୍ଗ ଶିଖେଇଥାଏ । ଏହାକୁ ପଢିବା ପରେ ଯେଉଁ ଶିକ୍ଷା ଆମକୁ ମିଳିଥାଏ ତାକୁ ନିହାତି ଭାବେ ମନେ ରଖିବା ଉଚିତ ।

ପ୍ରତିଟି ବ୍ୟକ୍ତି ନିଜ ଜୀବନକୁ ଏକ ନିର୍ଦ୍ଦିଷ୍ଟ ଯୋଜନା ମୁତାବକ ହିଁ ବଞ୍ଚିବା ଉଚିତ । ପ୍ରତିଟି କାମ ଯଦି ନିର୍ଦ୍ଦିଷ୍ଟ ଯୋଜନା ଅନୁଯାୟୀ କରାଯାଏ ତେବେ ସଫଳତା ନିଶ୍ଚିତ ଭାବେ ମିଳିଥାଏ । ନଚେତ ଭବିଷ୍ୟତ ଅନ୍ଧକାର ମୟ ହୋଇଥାଏ । ଉଦାହରଣ ସ୍ୱରୂପ ଭଗବାନ କୃଷ୍ଣ ଯଦି ବିନା କୌଣସି ଯୋଜନାରେ ପାଣ୍ଡବ ମାନଙ୍କ ସପକ୍ଷରେ ଲଢ଼ିଥାନ୍ତେ । ତେବେ ହୁଏତ କେବେ ବି ପାଣ୍ଡବ ମାନେ କୌରବଙ୍କ ଉପରେ ବିଜୟ ଲାଭ କରିପାରିନଥାନ୍ତେ । ସେହିପରି ଜୀବନ ବଞ୍ଚିବା ପାଇଁ ଏକ ଭଲ ମିତ୍ରର ଆବଶ୍ୟକତା ରହିଥାଏ । ଯାହା ସାହାଯ୍ୟରେ ଜୀବନ ସୁରୁଖୁରୁରେ ପରିଚାଳିତ ହୋଇପାରେ । ଆପଣ ଯେତେ ଭଲ ହେଲେବି ଆପଣଙ୍କ ସାଥି ଯଦି ଭଲ ନ ରୁହେ ତେବେ ଜୀବନ ଏକ ପ୍ରକାର ବରବାଦ ହୋଇଯାଏ । ଏହା ଏକ ବଳିଷ୍ଠ ଉଦାହରଣ ହେଉଛି ଦୁର୍ଯ୍ୟୋଧନ ଚରିତ୍ର । ଯିଏ କି ନିଜ ମାମୁଁ ଶକୁନି ବୁଦ୍ଧିରେ ପଡି ହିଁ ନିଜ ସର୍ବନାଶକୁ ଡାକି ଆଣିଥିଲେ । ଏହା ବାଦ ଜଣେ ବ୍ୟକ୍ତିର କିଏ ପ୍ରକୃତ ମିତ୍ର ଓ କିଏ ଶତ୍ରୁ ସେ ବିଷୟରେ କିଞ୍ଚିତ ଜ୍ଞାନ ରହିବା ନିହାତି ଆବଶ୍ୟକ ।

## ଘଟୋତ୍କଚର ପୁତ୍ର

ଦ୍ୱାପର ଯୁଗର କଥା । ଭୀମଙ୍କ ପୁତ୍ର ଘଟୋତ୍କଚ ଏବଂ ତା'ର ପୁତ୍ର ମୋର୍ବୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜନ୍ମ ନେଲା । ଏହି ଶିଶୁର କେଶ ଅଣ୍ଡିରା ସିଂହ (ବବର ଶେର୍) ଭଳି ହୋଇଥିବାରୁ ତା'ର ନାମ 'ବର୍ବରୀକ' ରଖାଗଲା । ସେ ପାଣ୍ଡବଙ୍କ ପକ୍ଷରୁ କୁରୁକ୍ଷେତ୍ର ଯୁଦ୍ଧରେ ଲଢ଼ିବାକୁ ବାହାରିଲା । ଏହି ସମୟରେ ବର୍ବରୀକକୁ ତା'ର ମା' ଡାକିଲେ ଏବଂ କହିଲେ, ପୁତ୍ର ! ତୁମେ ମହାଭାରତ ଯୁଦ୍ଧରେ ସେହି ପକ୍ଷକୁ ସହାୟତା କରିବ, ଯାହାର ପରାଜୟ ଆଶଙ୍କା ଅଧିକ ରହିଥିବ । ମା' ପୁତ୍ରକୁ ୩ଟି ଶର ଦେଲେ । ସେହି ଶର ଅତ୍ୟନ୍ତ ବିଧ୍ୱଂସକାରୀ ଥିଲା । ଯାହା ଏକାଥରରେ ମହାଭାରତ ଯୁଦ୍ଧ ସମାପ୍ତ କରିବାର କ୍ଷମତା ରଖୁଥିଲା । ଏହି କଥା ଭଗବାନ ଶ୍ରୀକୃଷ୍ଣ ଜାଣିନେଲେ । ସେ ବ୍ରାହ୍ମଣ ବେଶରେ ବର୍ବରୀକଙ୍କ ନିକଟକୁ ଗଲେ । ତାଙ୍କୁ ଦାନସ୍ୱରୂପ ତାଙ୍କ ମୁଣ୍ଡ ମାଗିନେଲେ । ବର୍ବରୀକ ସେହି ମୁଣ୍ଡ ତାଙ୍କୁ ଦାନ ଦେଇଦେଲେ । ଏହାପରେ ଶ୍ରୀକୃଷ୍ଣ ନିଜ ସ୍ୱରୂପରେ ଦେଖାଦେଲେ ଏବଂ କହିଲେ, ବର୍ବରୀକ ତୁମେ ଯଦି ମହାଭାରତ ଯୁଦ୍ଧରେ ଭାଗ ନେଇଥାନ୍ତ, ତେବେ ଏହି ଯୁଦ୍ଧର କୌଣସି ମହତ୍ୱ ରହିନଥାନ୍ତା । ତେଣୁ ଏବେ ତୁମେ ଏହି ଯୁଦ୍ଧରେ ଲଢ଼ିପାରିବ ନାହିଁ । ତୁମର ମସ୍ତକ ଏକ ଉଚ୍ଚ ସ୍ଥାନରେ ରହିବ । ଫଳରେ ତୁମେ ସମଗ୍ର ମହାଭାରତ ଯୁଦ୍ଧ ଦେଖିପାରିବ । ତେବେ ମୋତେ ନିଜ ମସ୍ତକ ପ୍ରଦାନ କରିବାର ବଳିଦାନ ଦେଇଥିବାରୁ ତୁମେ କଳିଯୁଗରେ ଭଗବାନ ରୂପେ ପୂଜା ପାଇବ । ମୋର ନାମ 'ଶ୍ୟାମ' ନାମରେ ତୁମେ ପ୍ରସିଦ୍ଧ ହେବ । ଖାଟୁ ନାମକ ସ୍ଥାନରେ ତୁମର ମସ୍ତକ ପୋତାଯିବ । ତୁମେ ଖାଟୁଶ୍ୟାମ ବାବା ନାମରେ ପରିଚିତ ହେବ । ଏହି ସ୍ଥାନ ବର୍ତ୍ତମାନ ରାଜସ୍ଥାନରେ ରହିଛି। ଖାଟୁ ଶ୍ୟାମ ଭଗବାନ ଏବେ ଅନେକ ଭକ୍ତଙ୍କୁ ଆକୃଷ୍ଟ କରିପାରିଛନ୍ତି । ଖାଟୁ ଶ୍ୟାମଜୀ ମନ୍ଦିର ବର୍ତ୍ତମାନ ରାଜସ୍ଥାନର ସୀକର ଜିଲ୍ଲାରେ ରହିଛି । ମନ୍ଦିରଟି ଶ୍ୱେତ ପ୍ରସ୍ଥରରେ ନିର୍ମିତ । ମନ୍ଦିରଟି ଅତି ପ୍ରାଚୀନ ବୋଲି ବିଶ୍ୱାସ କରାଯାଏ । ବର୍ତ୍ତମାନ ଖାଟୁ ଶ୍ୟାମଜୀ ସେହି ସ୍ଥାନରେ ପୂଜା ପାଉଛନ୍ତି, ଯେଉଁଠି ବର୍ବରୀକଙ୍କ ମସ୍ତକ ପୋତା ହୋଇଥିଲା । ଏହି ମନ୍ଦିର ଉପରେ ମୋଗଲ ଶାସକ ଆଉରଙ୍ଗଜେବ୍ ୧୬୭୯ରେ ଆକ୍ରମଣ କରିଥିବା ଜଣାଯାଏ । ତେବେ ୧୭୨୦ରେ ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା ।



# କାନୁପୁର, ସୁବର୍ଣ୍ଣରେଖା ଏବଂ ଆନନ୍ଦପୁର ଜଳ ସେଚନ ପ୍ରକଳ୍ପ ସମୀକ୍ଷା



**ଭୁବନେଶ୍ୱର,୭।୧୦ (ମହାଭାରତ):** ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସୋମବାର କାନୁପୁର, ସୁବର୍ଣ୍ଣରେଖା ଏବଂ ଆନନ୍ଦପୁର ପ୍ରକଳ୍ପର ବିସ୍ତୃତ ସମୀକ୍ଷା କରାଯାଇଥିଲା। ବୈଠକରୁ ଜଣାଯାଇଛି ଯେ, କାନୁପୁର ଜଳସେଚନ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟ ପ୍ରାୟତଃ ସଂପୂର୍ଣ୍ଣ ହୋଇଛି । ପ୍ରାରମ୍ଭିକ ମୌସୁମୀ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିବା ଡିସ୍ପ୍ଲିସିଏସନ୍ ସ୍ଲୁଇସ୍ ଏବଂ କିଛି ଗେଟ୍ ନିର୍ମାଣକୁ ଛାଡି ଦେଲେ ମୁଖ୍ୟ କେନାଲ ଏବଂ ବଣ୍ଟନ ବ୍ୟବସ୍ଥା ଯଥାକ୍ରମେ ୯୪% ଏବଂ ୭୫% ସମ୍ପୂର୍ଣ୍ଣ ହୋଇଛି। ଆସନ୍ତା ରବି ଋତୁରେ ୧୨୦୦୦ ହେକ୍ଟର ରବି ଜଳସେଚନ ଯୋଗାଇ ଦିଆଯିବ। ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପର୍ଯ୍ୟାୟ-୧ କାର୍ଯ୍ୟ ସମ୍ପୂର୍ଣ୍ଣ ସମାପ୍ତ ହୋଇଛି ଏବଂ ପର୍ଯ୍ୟାୟ-୨ କାର୍ଯ୍ୟ ଭଲ ଭାବରେ ଅଗ୍ରଗତି କରୁଛି। ସେହିପରି ଆନନ୍ଦପୁର ପ୍ରକଳ୍ପ ନିର୍ମାଣ ମଧ୍ୟ ଭଲ ଭାବରେ ଅଗ୍ରଗତି କରୁଛି। ଲିଙ୍କ କେନାଲ ସମ୍ପୂର୍ଣ୍ଣ ହୋଇଛି। ବୈତରଣୀ ଦକ୍ଷିଣ ତଟ କେନାଲ ଏବଂ ସାଳନ୍ଦୀ ବାମ ମୁଖ୍ୟ କେନାଲ ସମ୍ପୂର୍ଣ୍ଣ ହେବା ଉପରେ ରହିଛି ।୧୨୦୦୦ ହେକ୍ଟର ଆୟକଟ ପୂର୍ବରୁ ବିକଶିତ ହୋଇସାରିଛି ଏବଂ ଅନ୍ୟାନ୍ୟ ବଣ୍ଟନ ବ୍ୟବସ୍ଥା ଦ୍ରୁତ ଗତିରେ ଆଗେଇ ଚାଲିଥିବା ବୈଠକରୁ ଜଣାଯାଇଛି ।

# ବାଙ୍କୀ ମହୋତ୍ସବ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ

**ଭୁବନେଶ୍ୱର,୭।୧୦ (ମହାଭାରତ):** କଟକ ଜିଲ୍ଲା ବାଙ୍କୀ କଚେରୀ ପଡିଆଠାରେ ଆୟୋଜିତ ବାଙ୍କୀ ମହୋତ୍ସବ-୨୦୨୫କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ବାଙ୍କୀର ଐତିହ୍ୟ ଓ ଇତିହାସ ସୁଦୂର ପ୍ରସାରୀ। ସ୍ୱାଧୀନତା ଆନ୍ଦୋଳନ ଠାରୁ ସମବାୟ ଆନ୍ଦୋଳନ ଯାଏଁ ବାଙ୍କୀର ଅବଦାନ ଓଡିଶାରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ଏ ମାଟିର ଅନେକ ସୁଯୋଗ୍ୟ ସନ୍ତାନମାନେ ସମାଜ ସଂସ୍କାର, କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରି ଯାଇଛନ୍ତି। ଗୌରବାଜ୍ଜ୍ୱଳ ଅତୀତ ସହ ବର୍ତ୍ତମାନର ପ୍ରଗତିଶୀଳ ଓଡିଶାର ଚିତ୍ରକୁ ଯୁବପୀଢ଼ିଙ୍କ ପାଖରେ ଉପସ୍ଥାପନ କରାଇବା ପାଇଁ ବାଙ୍କୀ ମହୋତ୍ସବର ଆୟୋଜନ ଏକ ପ୍ରଶଂସନୀୟ



ପଦକ୍ଷେପ। ଏହି ମହୋତ୍ସବ ବାଙ୍କୀବାସୀ ଭାଇଭଉଣୀମାନଙ୍କ ମନରେ ଏକ ନୂତନ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିବ ବୋଲି ସେ କହିଥିଲେ। କଟକ ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଲେ ଯେ ଓଡ଼ିଶାର ଋଦ୍ଧିମନ୍ତ ଐତିହ୍ୟ ପରମ୍ପରା, ଇତିହାସ, ଭୂଗୋଳରେ ବାଙ୍କୀ ବିଶେଷ ପରିଚିତ ଓ ପ୍ରତିଷ୍ଠା ରହିଛି। ଓଡିଶାର ସାହିତ୍ୟ, ସଂସ୍କୃତି, କଳା ଓ ଜୀବନ ଶୈଳୀକୁ ବାଙ୍କୀର ଅବଦାନ ଉଲେଖନୀୟ। ବିଧାୟକ ତଥା ମହୋତ୍ସବ ସଭାପତି ଦେବୀରଞ୍ଜନ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ କହିଲେ ଯେ ବାଙ୍କୀ ହେଉଛି ଜଗତଜନନୀ ମା' ଚର୍ଚ୍ଚିକାଙ୍କ ପୂଣ୍ୟପୀଠ। ବାଙ୍କୀର କ୍ରୀଡା, ସାହିତ୍ୟ, ଐତିହ୍ୟ, କଳା ସଂସ୍କୃତିକୁ ଉଜ୍ଜିବୀତ କରି ପ୍ରତି ବର୍ଷ ଅନୁଷ୍ଠିତ ହେଉଥିବା ବାଙ୍କୀ ମହୋତ୍ସବରେ ଏହି ମାଟିକୁ ଗରୀୟାନ କରିବାରେ ଅତୁଳନୀୟ ଅବଦାନ ଥିବା ବୀରାରାଣୀ ଶୁକଦେଈ, ସମାଜ ସଂଗଠକ ଗୋବିନ୍ଦ ରଥ, ଓଡିଆ ସଂସ୍କୃତିର ଦିଗଦର୍ଶନ ନୀଳମଣି ବଦ୍ୟାରତ୍ନ, ରାୟବାହାଦୁର ବିଦ୍ୟାଧର ପଣ୍ଡାଙ୍କ ଭଳି ପୁଣ୍ୟାତ୍ମାକୁ ଆମେ ସ୍ମରଣ କରିବା।

ସମ୍ମାନିତ ଅତିଥି ଭାବେ ବାଙ୍କୀ ବିକାଶ ମଞ୍ଚ ସଭାପତି ଶୁଭ୍ରାଂଶୁ ମୋହନ ପାଢୀ ଯୋଗଦେଇ କହିଲେ ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ଅଶେଷ କରୁଣାରୁ ଆଜି ଏ ମହୋତ୍ସବ ଲୋକ ଉତ୍ସବରେ ପରିଣତ ହୋଇ ସମଗ୍ର ଓଡ଼ିଶାକୁ ଦିଗ୍ ଦର୍ଶନ ଦେଖାଇଛି। ବାଙ୍କୀ ମହୋତ୍ସବ ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ କହିଲେ ଯେ ୨୫ବର୍ଷରେ ମହୋତ୍ସବ ପଦାର୍ପଣ କରିଥିବା ବାଙ୍କୀ ମହୋତ୍ସବ ଯୁବକତ୍ୱ ଲାଭ କରିଛି। ବାଙ୍କୀ ଜନତାଙ୍କ ଅପୁରନ୍ତ ସାହାଯ୍ୟ, ସହଯୋଗ ଆଧାରରେ ଆଜି ସାରା ଓଡ଼ିଶାକୁ ଦିଗଦର୍ଶନ ଦେଖାଇଛି।

# ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ବିରୋଧରେ ବିକ୍ଷୋଭ

**ଭୁବନେଶ୍ୱର,୭।୧୦ (ମହାଭାରତ):** ପୁଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ଆଶାୟୀଙ୍କୁ ନ୍ୟାୟ ଦାବି ସହ ଅନିୟମିତା ବିରୋଧରେକ୍ତ୍ର ବିଜୁ ଯୁବ ଛାତ୍ର ଜନତା ଦଳ ନେତୃତ୍ୱରେ ଭୁବନେଶ୍ୱର ଠାରେ ହୋଇଛି ଜୋରଦାର ପ୍ରତିବାଦ । ପୁଲିସ ଏସ୍ଆଇ ନିଯୁକ୍ତିରେ ବ୍ୟାପକ ଅନିୟମିତତା ନେଇ ଦଳ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ୍ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆରମ୍ଭରୁ ଘଟଣାର ସିବିଆଇ ତଦନ୍ତ ଦାବି କରି ଆସୁଛି ବିଜେଡି । ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆନଗଲେ ଆଗକୁ ଜୋରଦାର ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି ବିଜୁ ଯୁବ ଛାତ୍ର ଜନତା ଦଳ।

ବିଜେପି ଶାସନରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଇ ଓଡିଶା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ଓ ଲଜ୍ଜିତ ହୋଇଥିବା ବେଳେ ଏବେ



ସରକାରୀ ଚାକିରି ବିକ୍ରି ଭଳି ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଗତ ପନ୍ଦର ମାସରେ ୧୬ଟି ନିଯୁକ୍ତି ପରୀକ୍ଷା ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି, ଯାହା ଯୋଗୁ ନିଯୁକ୍ତି ଆଶାୟୀମାନେ ହତାଶ ହୋଇଛନ୍ତି । ପୋଲିସ ଏସଆଇ ପଦବୀ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା । ଏହାକୁ ଅକ୍ଟୋବର ୭ ଓ ୮ରେ କରିବା ପାଇଁ ସ୍ଥିର କରାଯାଇଥିଲା, ଯାହାକୁ ୩୦ ସେପଟେମ୍ବର ଦିନ ଆଉଥରେ ବାତିଲ କରାଯାଇଛି । ଏହି ନିଯୁକ୍ତି ପ୍ରକ୍ରିୟାରେ ଜାଲିଆତିରେ ସମ୍ପୃକ୍ତ ଥିବା ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲଙ୍କୁ ଶ୍ରୀକାକୁଲମ ପୋଲିସ ଦ୍ୱାରା ଗିରଫ କରାଯାଇଛି । ନିଯୁକ୍ତି ପାଇଁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱରେ ଥିବା ସଂସ୍ଥା ଦ୍ୱାରା ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ମାଧ୍ୟମରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି । ଗିରଫ ପରୀକ୍ଷାର୍ଥୀ ମାନେ ମୋଟା ଅଙ୍କର ଲାଞ୍ଚ ଦେଇ ଏହି ଚାକିରି ହାତେଇବା ପାଇଁ ଉଦ୍ୟମ କରୁଥିଲେ ବୋଲି କୁହାଯାଉଛି । ପ୍ରାୟ ୨୦୦ କୋଟି ଟଙ୍କାର ଏହି ଜାଲିଆତି ହୋଇଥିବା କୁହାଯାଉଛି । କିନ୍ତୁ, ଏଠାରେ ପ୍ରଶ୍ନ ଉଠୁଛି ଯେ, ଲାଞ୍ଚ ଦେବା ଅଭିଯୋଗରେ ପରୀକ୍ଷାର୍ଥୀ ମାନେ ଯଦି ଗିରଫ ହେଲେ, ତାହେଲେ ଲାଞ୍ଚ ଗ୍ରହଣ କରିଥିବା ବ୍ୟକ୍ତିମାନେ ଗିରଫ ହେଉ ନାହାନ୍ତି କାହିଁକି ? ଚାକିରି ଚୋର, ଗାଦି ଛାଡ଼ ସରକାର ବିରୋଧରେ ହେଇଥିବା ଏହି ଆନ୍ଦୋଳନର ନେତୃତ୍ୱ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଦୁଇ ସଭାପତି ଚିନ୍ମୟ ସାହୁ ଓ ଶ୍ରୀମତୀ ଇପ୍ସିତା ସାହୁଙ୍କ ସହିତ ଦଳର ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡ଼େଇ, ମହିଳା ସଭାନେତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ମନ୍ମଥ ରାଉତରାୟ ଓ ଅମରେଶ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗଠିତ ହେଲା କଟକ ଶାନ୍ତି ସଦଭାବନା ସମିତି

**ଭୁବନେଶ୍ୱର,୭।୧୦ (ମହାଭାରତ):** କଟକ ହଜାର ବର୍ଷର ଐତିହାସିକ ସହର। କଟକର ଭାଇଚାରା ସମଗ୍ର ଦେଶ ପାଇଁ ଏକ ଉଦାହରଣ ହୋଇ ଛିଡା ହୋଇଛି। ଏହାର ଇତିହାସରେ ଦଙ୍ଗାର ସ୍ଥାନ ନାହିଁ। ଦୂର୍ଗା ପୂଜା ଭଷାଣୀ ସମୟରେ ହୋଇଥିବା ଏକ ଦୁର୍ଘଟଣା ପାଇଁ କଟକ ନିନ୍ଦିତ ହୋଇଛି। ଏହାକୁ ଆଉ ଆଗକୁ ନବଢ଼ାଇ ଏଠାରେ ପୂର୍ବଭଳି ଶାନ୍ତି ସୌହାର୍ଦ୍ଦ୍ୟର ବାତାବରଣ ଫେରାଇ ଆଣିବାକୁ କଟକର ବିଭିନ୍ନ ବୁଦ୍ଧିଜୀବୀ, ସାମାଜିକ ସାମାଜିକ, ରାଜନୈତିକ କର୍ମୀ କଟକ ଗାନ୍ଧୀ ଭବନ ଠାରେ ଏକ ସଭା କରି ଆହ୍ୱାନ ଜଣାଇଛନ୍ତି।

ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉପସ୍ଥିତ ଜନସାଧାରଣ କଟକରେ ସ୍ଥାୟୀ ଶାନ୍ତି ସ୍ଥାପନ ଲକ୍ଷରେ 'କଟକ ଶାନ୍ତି ସଦଭାବନା ସମିତି' ଗଠନ କରିଛନ୍ତି। ଏହି ସଭାରେ କଟକ ସହରର ସାହି ମୁରବୀ, ପୂଜା କମିଟିର ମୁଖ୍ୟ, ମୋହଲ୍ଲା କମିଟି ତଥା ଶାନ୍ତି କମିଟିମାନଙ୍କୁ ଶାନ୍ତି ସ୍ଥାପନ ନିମନ୍ତେ କାର୍ଯ୍ୟ କରିବା ତଥା ବିଭିନ୍ନ ଗୁଜବର ସତ୍ୟାସତ୍ୟ ଲୋକଙ୍କୁ ଜଣାଇବାକୁ ନିବେଦନ କରାଯାଇଛି। ଜିଲ୍ଲା ଓ ପୋଲିସ ପ୍ରଶାସନ ନିୟମିତ ସମୟ ଅନ୍ତରରେ ବ୍ୟାପୁଥିବା ବିଭିନ୍ନ ଗୁଜବକୁ ଖଣ୍ଡନ କରିବା ସହ ସତ୍ୟାସତ୍ୟ ଖବର ବାବଦରେ ସାମାଜିକ ଓ ଅନ୍ୟ ଗଣମାଧ୍ୟମ ମାଧ୍ୟମରେ ଜଣାଇବା ଆବଶ୍ୟକ ବୋଲି କୁହାଯାଇଛି। ଏଥିସହିତ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ମିଥ୍ୟା ଓ ବିଦ୍ୱେଷ ମୂଳକ ପ୍ରଚାର କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବୀ ହୋଇଛି। ବିଗତ ଦିନରେ ଘଟିଯାଇଥିବା ଘଟଣା ସମ୍ବନ୍ଧରେ ନିରପେକ୍ଷ ତଦନ୍ତ କରିବା ନିମନ୍ତେ କ୍ୟାଟର ପୂର୍ବତନ ଜାତୀୟ ଉପସଭାପତି ତଥା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏକ କମିଟି ସହରର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସ୍ଥିର ହୋଇଛି। କଟକ ବନ୍ଦ ପାଇଁ ଡାକରା ଦେଇଥିବା ସଂଗଠନ ଏଥିରୁ ଓହରିଯିବା ପାଇଁ ମଧ୍ୟ ନିବେଦନ କରାଯିବା ସହ ଯେଉଁମାନେ ସହରରେ ଦଙ୍ଗା ଭଳି ପରିସ୍ଥିତି ସୃଷ୍ଟି କରିବାକୁ ଚେଷ୍ଟା କରିବେ, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଅନୁସାରେ ଯଦି ସହରରେ କୌଣସି କ୍ଷୟକ୍ଷତି ହୁଏ, ତେବେ ସେମାନଙ୍କ ଠାରୁ ଆଦାୟ କରାଯିବ ବୋଲି ପ୍ରଶାସନ ଘୋଷଣା କରୁ ବୋଲି ଦାବୀ ହୋଇଛି।

କଟକ ହିଂସା ବାବଦରେ ଜିଲ୍ଲା ପ୍ରଶାସନ ତଥା ମୁଖ୍ୟମନ୍ତ୍ରୀ ବିବୃତି ପ୍ରଦାନ କରିବାକୁ କଟକ ଶାନ୍ତି ସଦଭାବନା ସମିତି ପକ୍ଷରୁ ଶୈଳ ବେହେରା, ଚିତ୍ତ ରଞ୍ଜନ ମହାନ୍ତି, ଆଡଭକେଟ କ୍ଷୀରୋଦ ରାଉତ, କିଶୋର ଜେନା, ବିଜୟ ପଡ଼ିଆରୀ, ଡାକ୍ତର ନିବେଦିତା ଦାସ ପ୍ରମୁଖ ଦାବୀ କରିଛନ୍ତି।

# କଟକରେ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଭାଇଚାରା ରକ୍ଷା କରିବା ପାଇଁ ବାମପନ୍ଥୀ ଦଳମାନଙ୍କ ନିବେଦନ

**ଭୁବନେଶ୍ୱର,୭।୧୦ (ମହାଭାରତ):** ସହସ୍ର ବର୍ଷର ଭାଇଚାରାର ସଂସ୍କୃତି ସଂପନ୍ନ ଏବଂ ଐତିହାସିକ ସହର କଟକରେ ଘଟିଯାଇଥିବା ଅଭାବନୀୟ ଘଟଣାରେ ୪ ପ୍ରମୁଖ ବାମପନ୍ଥୀ ଦଳ: ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କସ୍ୱାଦୀ), ସିପିଆଇ(ଏମ୍-ଏଲ୍) ଲିବରେସନ ଏଂ ଅଲ୍ ଇଣ୍ଡିଆ ଫରୱାର୍ଡ୍ ବ୍ଲକ ପକ୍ଷରୁ ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନ ଠାରେ ଅନୁଷ୍ଠିତ ଏକ ମିଳିତ ବୈଠକରେ ଗଭୀର ଉଦବେଗ ପ୍ରକାଶ କରାଯାଇଛି। କଟକ ସହରରେ ସାର୍ବଜନୀନ ଦୁର୍ଗାପୁଜା ଓ ଦଶହରା ଯାହାକି ସାଂସ୍କୃତିକ ଉତ୍ସ୍ୱ, ଶାନ୍ତି, ଭାଇଚାରାର ଓ୍ୱସରଭଦ୍ରେ ପାଳିତ ହୋଇଆସିଥିଲା, ତାହା ବଦଳରେ ସାମ୍ପ୍ରଦାୟିକ ଉତ୍ତେଜନା ଏବଂ ପୋଲିସ ଅଧିକାରୀମାନଙ୍କ ଉପରେ ଯୋଜନାବଦ୍ଧ ରକ୍ତାକ୍ତ ଆକ୍ରମଣ ଦ୍ୱାରା ସମ୍ପୁର୍ଣ୍ଣ ବିଗିଡି ଯାଇଛି। ବିଦ୍ୱେଷ ସୃଷ୍ଟିକାରୀ ଶକ୍ତିମାନଙ୍କୁ ନିୟନ୍ତ୍ରଣ କରିବାରେ ପ୍ରଶାସନ ଏବଂ ପୁଲିସ୍ ର ସଠିକ୍ ଆକଳନର ଅଭାବ ଯୋଗୁଁ ଏଭଳି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଯାଇଛି ।ପ୍ରଶାସନ ମିଥ୍ୟା, ଗୁଜବ ଏବଂ ଘୃଣାର ପ୍ରଚାର ବନ୍ଦ କରିବା ପାଇଁ ପଦକ୍ଷେପ ସହ ହିଂସା, ସାମ୍ପ୍ରଦାୟିକ ଉତ୍ତେଜନା, ଅସାମାଜିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଆଇନାନୁମୋଦିତ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ବାମପନ୍ଥୀ ଦଳର ନେତୃବୃନ୍ଦ ଦାବି କରିଛନ୍ତି। ଏଭଳି ଏକ ସ୍ୱର୍ଶକାତର ଘଟଣା ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟରେ ଯେଭଳି ପୁନରାବୃତ୍ତି ନହେବ ସେଥିପାଇଁ ସମସ୍ତ ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଓ ପ୍ରଗତିଶୀଳ ରାଜନୈତିକ ଦଳ, ସଂଗଠନ ଓ ବ୍ୟକ୍ତିବିଶେଷ ଆଗେଇ ଆସିବାକୁ ବାମପନ୍ଥୀ ଦଳର ନେତୃବୃନ୍ଦ ନିବେଦନ କରିଛନ୍ତି। ଆଜିକାର ଏହି ବୈଠକରେ ସିପିଆଇ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ୍) ର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଆଇ(ଏମ୍-ଏଲ୍) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଓ ଅଲ୍ ଇଣ୍ଡିଆ ଫରୱାର୍ଡବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଙ୍କ ସମେତ ପୁର୍ବତନ ବିଧାୟକ ଏନ୍.ନାରାୟଣ ରେଡ୍ଡୀ, ରାଧାକାନ୍ତ ସେଠୀ, ଜୟନ୍ତ ଦାସ, ବିଜୟ ଜେନା, ଏବଂ ବଦ୍ରୀ ନାରାୟଣ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ସ୍ମୃତିସଭା

**ଭୁବନେଶ୍ୱର,୭।୧୦ (ମହାଭାରତ):** ଓଡ଼ିଶାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ ପ୍ରାଣନାଥ ପଟ୍ଟନାୟକଙ୍କ ୫୫ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଆଜି ସିପିଆଇ ରାଜ୍ୟ ଦପ୍ତର ଭଗବତୀ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲା କଣାସ ଅଂଚଳରେ ୧୯୦୫ ମସିହା ନଭେମ୍ବର ୧୬ ତାରିଖରେ ଜନ୍ମ ଗ୍ରହଣ କରି କଣାସରେ ପ୍ରାଥମିକ ଶିକ୍ଷା ସମାପ୍ତ ପରେ ରେଭେନ୍ସା କଲେଜ ଓ ପରବର୍ତ୍ତୀ ସମୟରେ ବାରଣାସୀସ୍ଥିତ କାଶୀ ବିଦ୍ୟାପୀଠରେ ଅଧ୍ୟୟନ କରୁଥିବା ସମୟରେ ସାମ୍ୟବାଦୀ ବିଚାରଧାରା ପ୍ରତି ଆକୃଷ୍ଟ ହୋଇ ୧୯୩୬ ଅକ୍ଟୋବର ୩୦ ତାରିଖରେ ତତ୍କାଳୀନ ବରିଷ୍ଠ ସିପିଆଇ ନେତା ନୃପେନ ଚକ୍ରବର୍ତ୍ତୀଙ୍କ ନିକଟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଆନୁଷ୍ଠାନିକ ସଦସ୍ୟତା ଗ୍ରହଣ କରିଥିଲେ । ଉକ୍ତ ବର୍ଷ ଡିସେମ୍ବର ମାସରେ ଗୁରୁଚରଣ ପଟ୍ଟନାୟକ ଓ ଭଗବତୀଚରଣ ପାଣିଗ୍ରାହୀଙ୍କ ସହ ମିଶି ୩ଜଣ ବିପ୍ଳବୀ ଯୁବକ ଓଡ଼ିଶାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରଥମ ସେଲ୍ ଗଠନ କରିଥିଲେ । ବ୍ରିଟିଶ ଔପନିବେଶବାଦ କବଳରୁ ମୁକ୍ତି ସଂଘର୍ଷ ସହ ସାମନ୍ତବାଦ, ରାଜତନ୍ତ୍ର ବିରୁଦ୍ଧରେ ସଂଘର୍ଷକୁ ଶାଣିତ କଲାବେଳେ ରଣପୁର ପ୍ରଜାମଣ୍ଡଳ ଆନେ୍ଦାଳନରେ ବନମାଳୀ ରାମଙ୍କ ନେତୃତ୍ୱରେ ବେଜେଲଗେଟ୍ ହତ୍ୟାକାଣ୍ଡ ଓ ପରେ ବ୍ରିଟିଶ ଉତ୍ପୀଡ଼ନର ଶିକାର ହେଉଥିବା ଜନଗଣଙ୍କୁ ପ୍ରତିରକ୍ଷା କମିଟି ଗଠନ କରି ସୁରକ୍ଷା ପ୍ରଦାନ କରିଥିଲେ । ପ୍ରାକ୍ ସ୍ୱାଧୀନତା ଓ ସ୍ୱାଧୀନୋତ୍ତର ଓଡ଼ିଶା ବିଧାନସଭାକୁ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରୁ ଦୁଇ ଦୁଇଥର ବିଧାନସଭାକୁ ନିର୍ବାଚିତ ହୋଇ ଭୂସଂସ୍କାର ଓ କୃଷକ ଆନେ୍ଦାଳନରେ ପ୍ରମୁଖ ଭୂମିକା ଗ୍ରହଣ କରିବା, ୧୯୬୫ ମସିହାରେ କଳାହାଣ୍ଡିରେ ପଦଯାତ୍ରା କରି ଦୁର୍ଭିକ୍ଷର ବିଭୀଷିକା ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଇବା ସହ ଏହାର ପ୍ରତିକାର ଦାବି କରିଥିଲେ । ତାଙ୍କ ଜୀବନକାଳରେ ପ୍ରାଣନାଥ ମହାବିଦ୍ୟାଳୟ ସମେତ ଅନେକ ସ୍କୁଲ୍, କଲେଜ ପ୍ରତିଷ୍ଠା ସହ ଜନଗଣଙ୍କ ମଧ୍ୟରେ ଶିକ୍ଷାର ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ସିପିଆଇର ବରିଷ୍ଠ ନେତା ଆଶିଷ କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ସିପିଆଇର ନବ ନିର୍ବାଚିତ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଆଇ (ଏମ୍ଏଲ) ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ପୂର୍ବତନ ବିଧାୟକ ଏନ. ନାରାୟଣ ରେଡି, ସିପିଆଇ ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନା ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ପାର୍ଟିର ନବ ନିର୍ବାଚିତ ରାଜ୍ୟ ସମ୍ପାଦକ ତଥା ଜାତୀୟ ପରିଷଦ ସଦସ୍ୟ ଡଃ ପ୍ରଶାନ୍ତ କୁମାର ମିଶ୍ର, ଏନ. ନାରାୟଣ ରେଡି ଓ ଜୟନ୍ତ ଦାସଙ୍କୁ ଭୁବନେଶ୍ୱର ଅଂଚଳ କମିଟି ପକ୍ଷରୁ ସମ୍ପାଦକ କୈଳାସ ଚନ୍ଦ୍ର ପୁହାଣ, ରାକେଶ ପାତ୍ର, ଶଙ୍କର୍ଷଣ ବାରିକ ଓ ବିଶ୍ୱଜିତ୍ ନାୟକ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ । ଭୁବନେଶ୍ୱର ଅଂଚଳ କମିଟିର ଏହି ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସୁର ଜେନା ସମ୍ବର୍ଦ୍ଧିତ କରିଥିଲେ । ଏହି ସଭାରେ ବରିଷ୍ଠ ସିପିଆଇ ନେତା ବସନ୍ତ କୁମାର ପାଇକରାୟ, ବିଜୟ ମହାନ୍ତି, ନୂଆଦୁନିଆ ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ, ରମେଶ ଚନ୍ଦ୍ର ପ୍ରଧାନ, ପ୍ରମୋଦିନି ପାଇକରାୟ, ନୃସିଂହ ବେହେରା, ନମିତା ସାହୁ, ଅଶୋକ ସାହୁ, ପ୍ରଫୁଲ୍ଲ ତ୍ରିପାଠୀ, ସତୀଶ ମିଶ୍ର, ବାବାଜୀ ଜେନା, ଶିବ ବେହେରା ପ୍ରମୁଖଙ୍କ ସମେତ ଶତାଧିକ ପାର୍ଟି ସଦସ୍ୟ ପ୍ରାଣନାଥ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ ।

# କୋକା-କୋଲା ଇଣ୍ଡିଆ ମହିଳା ବିଶ୍ୱକପ ପାଇଁ ସହଭାଗୀତା

**ଭୁବନେଶ୍ୱର,୭।୧୦ (ମହାଭାରତ):** କୋକା-କୋଲା ଇଣ୍ଡିଆ ଏବଂ ଆନ୍ତର୍ଜାତୀୟ କ୍ରିକେଟ କାଉନସିଲ ମିଳିତ ଭାବରେ ସମସ୍ତ ପ୍ରସ୍ତୁତି କରୁଛନ୍ତି ବର୍ଷର ଏକ ସବୁଠାରୁ ଅତୁଳନୀୟ ଉଦ୍ଦିପନାଭରା ଖେଳକୁଦର ଆସର ମହିଳା ବିଶ୍ୱକପ କ୍ରିକେଟ ୨୦୨୫ର ଭବ୍ୟ କାର୍ଯ୍ୟକ୍ରମ ପ୍ରଦାନ କରିବା ପାଇଁ। ଏହି ରଣକୌଶଳ ଯୁକ୍ତ ସହଯୋଗ ସେମାନଙ୍କର ୮ ବର୍ଷର ସହଭାଗୀତାର ନିଦର୍ଶନ ଅଟେ ଯାହାକି କମ୍ପାନୀର ମହିଳା ଖେଳକୁଦ ଚମ୍ପିୟାନସିପ ଏବଂ ସୁଯୋଗ ସୃଷ୍ଟି କରିବା ଯାହାକି ପରବର୍ତ୍ତି ପୀଢ଼ି ଖେଳାଳୀ ମାନଙ୍କୁ ସଶକ୍ତ କରିପାରିବ ଏଭଳି ବଚନ ବଦ୍ଧତାକୁ ପୁନଃ ପ୍ରବର୍ତ୍ତିତ କରୁଛି।

ଥମସ ଅପ ଏକ୍ସଫୋର୍ସ ଅଫିସିଆଲ ମୃଦୁପାନୀୟ ସହଯୋଗୀ ଭାବରେ ଏବଂ ଏଥିସହିତ ବଡ଼ିଆରମର ଲାଇଟ ଓଆରଏସ ହାଇଡ୍ରେସନ ସହଯୋଗୀ ଭାବରେ, କୋକା-କୋଲା ଇଣ୍ଡିଆ ସାମଗ୍ରୀକ ଭାବରେ ସମ୍ପୂର୍ଣ୍ଣ ଆଇସିସି ମହିଳା ବିଶ୍ୱକପ ୨୦୨୫ର ଭବ୍ୟ ଆୟୋଜନ ଜରିଆରେ ଖେଳାଳୀ ତଥା ଏହାର ଫ୍ୟାନ୍ସ ମାନଙ୍କୁ ସତେଜ ରଖିପାରିବ। ଏହାର ଏକ ଦୃଢ଼ ଖେଳକୁଦ ପରମ୍ପରାର ମୂଳଦୁଆରୁ, କୋକା-କୋଲା ଇଣ୍ଡିଆ ଭାରତର ଏହି ଆୟୋଜନକାରୀ ଟୁର୍ଣ୍ଣାମେଂଟ ଗୌହାଟୀ, ଇନ୍ଦୋର, ଭାଇଜାଗ ଏବଂ ନାଭିମୁମ୍ବାଇ ଠାରେ ପାଳନ କରିବାକୁ ଯାଉଥିବା ବେଳେ ଏହାର ପ୍ରତ୍ୟେକ ମ୍ୟାଚ୍‌କୁ ଦୃଢ଼ ଅନୁଭୂତି, ପ୍ରବଳ ଉଦ୍ଦିପନା ତଥା ଏକତ୍ରିକରଣର ଛାପକୁ ପ୍ରତିଫଳିତ କରିବାକୁ ସୁନିଶ୍ଚିତ କରିବ। କୋକା-କୋଲା ଇଣ୍ଡିଆ ଏହାର ସମ୍ପୂର୍ଣ୍ଣ ମୃଦୁପାନୀୟ ପୋର୍ଟଫୋଲିଓ ପ୍ରଦାନ କରିବାକୁ ଯାଉଥିବା ବେଳେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଖୁସି ଦେବା ପାଇଁ ଏହା ପାଖରେ କିଛି ଅଛି ଯାହାକି ଏହାକୁ ସୁନିଶ୍ଚିତ କରିପାରିବା।

# ଦୁର୍ନୀତି ବିରୋଧରେ ଘଂଟ ଘୋଡାଉଥିଲା ବିଜେଡି

**ଭୁବନେଶ୍ୱର,୭।୧୦ (ମହାଭାରତ):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ କେନ୍ଦ୍ରରେ ଗତ ୧୧ ବର୍ଷ ଓ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଦେଢ଼ବର୍ଷ ହେବ ବିଜେପି ସରକାର ଚାଲିଛି। ମାତ୍ର ଏହି ସରକାରରେ ଏପର୍ଯ୍ୟନ୍ତ କୌଣସି ପ୍ରକାର ଦୁର୍ନୀତିର ଛାପ ପଡ଼ିନାହିଁ। ଯେଉଁଠି ବି ଦୁର୍ନୀତି ହୋଇଛି, ସେଠାରେ ବିହୀତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତଦନ୍ତ ପରେ ସେମାନଙ୍କୁ ଗିରଫ କରି ଜେଲ ପଠାଇ ଦିଆଯାଇଛି। ଏବେ ପୋଲିସ ଏସ୍ଆଇ ଦୁର୍ନୀତି ଘଟଣାରେ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସମସ୍ତ ପରୀକ୍ଷାର୍ଥୀଙ୍କ ସମେତ ଦଲାଲ୍ ମାନଙ୍କୁ ଗିରଫ କରାଯାଇଛି । ଯେଉଁମାନେ ଏହି ରାକେଟ୍ ରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଜାରି ରହିଛି । ବିଜେଡି ସରକାରରେ ଅତୀତରେ ଦୁର୍ନୀତି ଉପରେ ଘଂଟ ଘୋଡ଼ାଯାଉଥିଲା ଏବେ ବିଜେପି ସରକାର ଆହ୍ୱାନ ନେଉଛି। ତେଣୁ ଦୋଷୀଙ୍କୁ ଧରିବା ପାଇଁ ସିବିଆଇ କ'ଣ ଦରକାର ପଡ଼ିଲେ ଏନ୍ଆଇଏ ତଦନ୍ତ ହେବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି।

ଶ୍ରୀ ପଣ୍ଡା କହିଛନ୍ତି, ବିଗତ ସରକାରରେ ଦୁର୍ନୀତି ଚରମସୀମା ଛୁଇଁ ଥିଲା। ୨୦୨୩ରେ ସିଭିଲ ଜେଇ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ସେତେବେଳେ ବାଲେଶ୍ୱର ପୋଲିସି ଗୋଟିଏ ରାକେଟକୁ ଧରିଥିଲା। ସେତେବେଳେ ବିଜେଡି ସରକାରରେ ଥିଲା। ଏହି ମାମଲାରେ ସେତେବେଳେ ୮୬ ଜଣ ପରୀକ୍ଷାର୍ଥୀଙ୍କୁ ପୋଲିସ ଅଟକ ରଖିଥିଲା। ସମ୍ପୃକ୍ତ ଅଭିଯୁକ୍ତମାନେ ଏହି ଚାକିରି ପାଇଁ ଟଙ୍କା ଦେଇଥିବା ଜଣାପଡ଼ିଥିଲା। ମାତ୍ର ସେମାନଙ୍କ ବିରୋଧରେ ବିଜେଡି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଟଙ୍କା ନେଇ ଚାକିରି ଦେବା ଦୁର୍ନୀତି ବିଜେଡିର ଏକ ପ୍ରକ୍ରିୟା ପାଲଟିଯାଇଥିଲା। ମାତ୍ର ବିଜେପି ସରକାର ପୁରୁଣା ଢାଂଚାରେ ଚାଲୁଥିବା ଚାକିରି ବିକ୍ରି ସିଣ୍ଡିକେଟକୁ ଧରିଛନ୍ତି।

ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୧୩ଜଣ ଗୋଟିଏ କୋଚିଂ ସେଂଟରର ନାମ କହିଛନ୍ତି। ତାହା ହେଲା ବଣିକ। ପୁର୍ବରୁ ଏଏସ୍ ଓ ଚାକିରି ବିକ୍ରି ରାକେଟ୍ ରେ ମଧ୍ୟ ଏହି ସଂସ୍ଥା ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ମାତ୍ର ତତ୍କାଳୀନ ବିଜେଡି ସରକାର ତାଙ୍କ ଦଳ ନେତାଙ୍କୁ ଘଂଟ ଘୋଡାଇ ଚାଲିଥିଲା। କାର୍ଯ୍ୟାନୁଷ୍ଠାନ ତ ଦୂର କଥା, ତଦନ୍ତ ମଧ୍ୟ କଲେନାହିଁ। ଏବେ ପୋଲିସ ଏସ୍ ?ଆଇ ନିଯୁକ୍ତି ଘଟଣାରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଏନ୍ଏସି ଅନ୍ତର୍ଗତ ୪ ନମ୍ବର କାଉନସିଲର ତଥା ବିଜେଡି ନେତା ଯତୀନ କୁମାର ଦଳାଇ (୨୬)ଙ୍କୁ ଗିରଫ କରାଯାଇଛି। ସେହିପରି ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅନ୍ତର୍ଗତ ପତ୍ରାପାଲିର ମୁନକି ରାଜପଲିଆ ଓ ତାଙ୍କ ସ୍ୱାମୀ ପ୍ରହଲ୍ଲାଦ ନାଗ ମଧ୍ୟ ଗିରଫ ହୋଇଛନ୍ତି। ମୁନକି ହେଉଛନ୍ତି ବିଜେଡି ସମର୍ଥିତ ସମିତିସଭ୍ୟ ଏବଂ ଉକ୍ତ ଦଳର ଜଣେ ନାରୀ ନେତ୍ରୀ। କେବଳ ଏମାନେ ନୁହନ୍ତି ଧରାପଡ଼ିଥିବା ଅଧିକାଂଶ ଅଭିଯୁକ୍ତ ହେଲେ ବିଜେଡିର କାର୍ଯ୍ୟକର୍ତ୍ତା। ମାତ୍ର "ଚୋର ମଚାଏ ସୋର" ଭଳି ବିଜେଡି ନେତାମାନେ ଏବେ ପ୍ରଳାପ କରିବାରେ ଲାଗିଛନ୍ତି।

# ସାମ୍ଭେ ନ୍ୟୁଟ୍ରିସନ୍ସ ୩୫୫ କୋଟିର ବଣ୍ଡ୍‌କୁ ଅନୁମୋଦନ

**ଭୁବନେଶ୍ୱର,୭।୧୦ (ମହାଭାରତ):** ଏକ ଅଗ୍ରଣୀ କନ୍‌ଫେକ୍ସନାରୀ ନିର୍ମାତା ସାମ୍ଭେ ନ୍ୟୁଟ୍ରିସନ୍ସର ବୋର୍ଡ ଅଫ ଡାଇରେକ୍ଟର୍ସ ୨୦୨୫ ଅକ୍ଟୋବର ୩ ତାରିଖରେ ୪ କୋଟି ଆମେରିକୀୟ ଡଲାର- ଅର୍ଥାତ୍ ୩୫୫.୦୬ କୋଟି ଟଙ୍କା ସହିତ ସମାନ ମୂଲ୍ୟର ବିଦେଶୀ ମୁଦ୍ରା ବିନିମୟଯୋଗ୍ୟ ବଣ୍ଡ୍ ଇସ୍ୟୁ ସମ୍ପର୍କରେ ବିଚାର କରିବା ସହିତ ତାହାକୁ ଅନୁମୋଦନ କରିଛି। କମ୍ପାନୀ ସବ୍‌ସ୍କ୍ରିପସନ୍ ମୁତାବକ ଏଫ୍‌ସିସିବି ପରିମାଣର ସବ୍‌ସ୍କ୍ରିପ୍‌ସନ ଦିଗରେ ପ୍ରତ୍ୟେକ ୧ ଲକ୍ଷ ଆମେରିକୀୟ ଡଲାରର ୪୦୦ ଏଫ୍‌ସିସିବି ଇସ୍ୟୁ କରିବ। ଏଫ୍‌ସିସିବି ପାଣ୍ଠିକୁ ଇଜିପ୍ଟ ଏବଂ ଲାଇବେରିଆ (ମନୋରୋଭିଆ)ରେ ଚିହ୍ନଟ କରାଯାଇଥିବା ବର୍ଦ୍ଧିଷ୍ଣୁ ବଜାରଗୁଡିକ ସହିତ କମ୍ପାନୀର ବୈଶ୍ୱିକ ଉପସ୍ଥିତି ପରିବ୍ୟାପ୍ତ କରିବା ଉଦ୍ଦେଶ୍ୟରେ ବିନିଯୋଗ କରାଯିବ। ଏହି ଲକ୍ଷ୍ୟଭିତ୍ତିକ ସମ୍ପ୍ରସାରଣକୁ ଉଚ୍ଚ-ଅଭିବୃଦ୍ଧିଶୀଳ ଅଞ୍ଚଳଗୁଡିକରେ କମ୍ପାନୀର ଉପସ୍ଥିତି ମଜଭୁତ କରିବା, ରାଜସ୍ୱ ଆୟ ଉତ୍ସଗୁଡିକର ବିବିଧକରଣ ଏବଂ ଆନ୍ତର୍ଜାତିକ ଏଫଏମ୍‌ସିଜି କ୍ଷେତ୍ରରେ ନୂତନ ସୁଯୋଗଗୁଡିକ ହାତେଇବା ନିମନ୍ତେ ଡିଜାଇନ କରାଯାଇଛି। ଇସ୍ୟୁ ଲିଷ୍ଟିଂ ଏବଂ ଅଣ୍ଡରରାଇଟିଂ ଉଦ୍ଦେଶ୍ୟରେ ନିଯୁକ୍ତ ଏକ ପୁଞ୍ଜିନିବେଶ ପରିଚାଳନା କମ୍ପାନୀ ଲିଡ୍ ଆରେଞ୍ଜର- ଏରିସ୍ କ୍ୟାପିଟାଲ ଲିମିଟେଡ ସହିତ ରାଜିନାମା କରିଛି। ଏହି ଇସ୍ୟୁ କମ୍ପାନୀସମୂହ ଆଇନ, ୨୦୧୩ର ସର୍ତ୍ତାବଳୀ ଏବଂ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ଇସ୍ୟୁ ଅଫ୍ କ୍ୟାପିଟାଲ ଆଣ୍ଡ ଡିସ୍‌କ୍ଲୋଜର ରିକ୍ୱାୟାରମେଣ୍ଟ) ନିୟମାବଳୀ, ୨୦୧୮ ଅନୁଯାୟୀ କରାଯାଉଛି।

# ନୂଆପଡ଼ାରେ ଶକ୍ତି ପରୀକ୍ଷା

କେବଳ ନୂଆପଡ଼ା ନୁହେଁ, ୭ଟି ରାଜ୍ୟର ୮ ବିଧାନସଭା ଆସନରେ ଏକସଙ୍ଗେ ଉପନିର୍ବାଚନ ହେବ ବୋଲି ସୂଚନା ମିଳିଛି । ୨୦୨୪ ସାଧାରଣ ନିର୍ବାଚନ ପରେ ଏହା ହେବ ରାଜ୍ୟରେ ପ୍ରଥମ ଶକ୍ତି ପରୀକ୍ଷା ସୁଯୋଗ । ଯଦିଓ ନୂଆପଡ଼ା ବିଜୁ ଜନତା ଦଳର ଏକ ଗଡ଼ ଭାବେ ପରିଚିତ, କିନ୍ତୁ ଏଥର ଉପନିର୍ବାଚନରେ ବିଜେଡିର ବିଜୟ ସୁନିଶ୍ଚିତ ବୋଲି କୁହାଯାଇପାରିବ ନାହିଁ । କାରଣ ନୂଆପଡ଼ାରେ ବିଜେପିର ସଙ୍ଗଠନ ମଧ୍ୟ ମଜବୁତ । ଗତ ଥର ଏଠାରେ ବିଜେଡି-ବିଜେପି କଡ଼ା ମୁକାବିଲା ହୋଇଥିଲା । କଂଗ୍ରେସ ବହୁ ଦୂରରେ ଥିଲା । କିନ୍ତୁ ଏଥର ଉପନିର୍ବାଚନରେ କଂଗ୍ରେସ ନିଜ ସ୍ଥିତି ସୁଧାରିବାକୁ ଲକ୍ଷ୍ୟ ରଖିଛି ଏବଂ ଏଥିରେ ବିସ୍ମିତ ହେବାର କିଛି ନାହିଁ । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କର ସଂସଦୀୟ କ୍ଷେତ୍ରରେ ନୂଆପଡ଼ା ଯାଉଛି । ଅବିଭକ୍ତ କଳାହାଣ୍ଡି ଜିଲ୍ଲାରେ ତାଙ୍କର ଭଲ ରାଜନୈତିକ ପ୍ରଭାବ ରହିଛି । ଏବେ ବିଜେଡିର ଦୁର୍ବଳତା ସୁଯୋଗ ନେଇ କଂଗ୍ରେସ ନିଜ ସ୍ଥିତି ସୁଦୃଢ଼ କରିବା ପ୍ରୟାସରେ ଅଛି । ନୂଆପଡ଼ାରେ କଂଗ୍ରେସର ବିଜୟ ସମ୍ଭାବନା ଶୂନ କହିଲେ ଭୁଲ ହେବ ନାହିଁ । କିନ୍ତୁ ଯଦି କଂଗ୍ରେସ ଏଠାରେ ନିଜ ଭୋଟ ପ୍ରତିଶତ ବୃଦ୍ଧି କରିପାରିବ, ତେବେ ଏହା ବଡ଼ ସଫଳତା ହେବ । ଓଡ଼ିଶାରେ ସାଧାରଣତଃ ଉପନିର୍ବାଚନ ଫଳାଫଳ ଶାସକ ଦଳ ବା ପରଲୋକ ଗମନ କରିଥିବା ନେତାଙ୍କ ଦଳ ସପକ୍ଷରେ ଯାଇଥାଏ । ପରଲୋକଗତ ବିଧାୟକଙ୍କ ପରିବାରର କେହି ସଦସ୍ୟ ଉପନିର୍ବାଚନରେ ପ୍ରାର୍ଥୀ ହେଲେ ତାଙ୍କ ସପକ୍ଷରେ ଅନୁକମ୍ପା ହାୱା ସୃଷ୍ଟି ହୋଇଥାଏ । ତେଣୁ ବିଜେଡି ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପରିବାର କାହାରିକୁ ଦଳୀୟ ପ୍ରାର୍ଥୀ କରିବାକୁ ଯୋଜନା କରୁଛି । କାରଣ ଅନୁକମ୍ପା ଭୋଟକୁ ପାଥେୟ କରି ବିଜେଡି ଅତୀତରେ ସବୁବେଳେ ଉପନିର୍ବାଚନରେ ବାଜିମାତ କରି ଆସିଛି । ଅନ୍ୟ ଦଳର ବିଧାୟକ ପରଲୋକ ଗମନ କଲେ ବି ବିଜେଡି ତାଙ୍କ ପରିବାରକୁ ଆପଣାଇ ନେଇଥାଏ । ସୁବଳ ସାହୁଙ୍କ ବିୟୋଗ ପରେ ତାଙ୍କ ବିଧବା ପତ୍ନୀ ରୀତା ସାହୁଙ୍କୁ ବିଜେଡି ନିଜ ଦଳର ପ୍ରାଥୀ କରି ଉପନିର୍ବାଚନରେ ବାଜିମାତ କରିଥିଲା । ଏଭଳି ଅନେକ ଉଦାହରଣ ମିଳିବ । ଏଥର ମଧ୍ୟ ବିଜେଡି ନୂଆପଡ଼ା ଉପନିର୍ବାଚନରେ ଢୋଲକିଆ ପରିବାରର କାହାରିକୁ ପ୍ରାର୍ଥୀ କରିବ ବୋଲି ସୂଚନା ମିଳିଛି । କିନ୍ତୁ କୌତୁହଳର ବିଷୟ ହେଲା ଢୋଲକିଆ ପରିବାର ଏବେ କୁଆଡ଼େ ବିଜେପି ଆଡ଼କୁ ଢଳୁଥିବା ସୂଚନା ମିଳିଛି । ଯଦି ଏହା ହେବ ତେବେ ବିଜେଡି ପାଇଁ ଏହା ବଡ଼ ବିପର୍ଯ୍ୟୟ ହେବ । ଅତୀତରେ ବିଜେଡି ଯେଉଁ ଅସ୍ତ୍ର ବ୍ୟବହାର କରୁଥିଲା, ଏବେ ତାହା ବୁମେରାଂ ହୋଇ ଫେରିବ । ଯଦି ଢୋଲକିଆ ପରିବାର ବିଜେପି ଶିବିରକୁ ଯାଆନ୍ତି ତେବେ ନୂଆପଡ଼ା ଉପନିର୍ବାଚନରେ ବିଜେଡିର ପରାଜୟ ସୁନିଶ୍ଚିତ । ଯଦି ଢୋଲକିଆ ପରିବାର ବିଜେଡିରେ ରହି ଉପନିର୍ବାଚନରେ ପ୍ରାର୍ଥୀ ହୁଅନ୍ତି ତେବେ ବିଜେପି ପାଇଁ ଉପନିର୍ବାଚନ ଜିତିବା କଷ୍ଟକର ହୋଇପାରେ, କିନ୍ତୁ ଅସମ୍ଭବ ନୁହେଁ । ଏହି ଉପନିର୍ବାଚନ ହେବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଇଁ ପ୍ରଥମ ପରୀକ୍ଷଣ । ତାଙ୍କ ଭବିଷ୍ୟତ ପାଇଁ ନୂଆପଡ଼ା ଉପନିର୍ବାଚନ ଫଳାଫଳର ଗୁରୁତ୍ୱ ରହିଛି । ତେଣୁ କଳେ ବଳେ କୌଶଳେ ନୂଆପଡ଼ାକୁ ହାତେଇବାକୁ ସେ ପ୍ରାଣମୂର୍ଚ୍ଛା ଉଦ୍ୟମ କରିବେ ଏଥିରେ ସନ୍ଦେହ ନାହିଁ । ଯଦିଓ ଏହି ଉପନିର୍ବାଚନ ରାଜ୍ୟରେ ବିଜେପି ସରକାରର ସଫଳତା ବା ବିଫଳତା ଉପରେ ଜନମତ ସଂଗ୍ରହ ବୋଲି କୁହାଯାଇପାରିବ ନାହିଁ, କିନ୍ତୁ କେତେକାଂଶରେ ମୋହନ ସରକାରଙ୍କ ସଫଳତା ଉପରେ ନୂଆପଡ଼ା ଜନମତ ପର୍ଯ୍ୟବେସିତ ହେବ । ଗତ ୧୫ ମାସ ଭିତରେ ମୋହନ ମାଝୀ ସରକାର ଅନେକ ଭଲକାମ କରିଛନ୍ତି, ଆଉ ରାଜ୍ୟର ବିକାଶ ନିମନ୍ତେ ଅନେକ ଯୋଜନା ପ୍ରସ୍ତୁତ କରାଯାଇଛି ।

# ଓଡ଼ିଶାର ଲୋକନୃତ୍ୟ : ପଶୁମୁଖା ନାଚ

**॥ ଡ. ମନୋରଞ୍ଜନ ବିଷୋୟୀ ॥**


*ପଶୁମୁଖା ନାଚଟିର ନାମକରଣରୁ ହିଁ ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ କୌଣସି ଏକ ପଶୁ କିମ୍ବା ପକ୍ଷୀର ମୁଖା ଧାରଣ କରି ନୃତ୍ୟ କରିବା ହିଁ ପଶୁମୁଖା ନାଚ । ମାନବ ଏବଂ ପଶୁମାନଙ୍କ ମଧ୍ୟରେ ଯେଉଁ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କଟିଏ ରହିଛି ତାହାରି କଳାତ୍ମକ ରୂପଟି ହିଁ ହେଉଛି ଏହି ନାଚ । ମାନବ ନିଜର ପ୍ରତିଦିନର କାର୍ଯ୍ୟରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଏହି ପଶୁମାନଙ୍କ ସାହାଯ୍ୟ ଲୋଡ଼ିଥାଏ । ଏମାନଙ୍କ ସହ ତାର ସଂପର୍କ କେତେବେଳେ ବନ୍ଧୁତ୍ୱପୂର୍ଣ୍ଣ ତ କେତେବେଳେ ଶତ୍ରୁତାପୂର୍ଣ୍ଣ ।*


ଆଦିମ ମାନବର ହାସ୍ୟ, ବିଷାଦ, ଭୟ ଇତ୍ୟାଦି ମଧ୍ୟରୁ ଲୋକାନୁଭୂତିର ସ୍ୱତଃସ୍ଫୁର୍ତ୍ତ ପରିପ୍ରକାଶକୁ ଆଧାର କରି ଲୋକନାଟକ ଗଢ଼ି ଉଠିଥିବା ବିଶ୍ୱାସ କରାଯାଏ । ବ୍ୟକ୍ତିର ହର୍ଷ, ଉଲ୍ଲାସ, ପ୍ରେମ, କ୍ରୋଧ, ଘୃଣା ଇତ୍ୟାଦି ଭାବକୁ ପ୍ରକାଶ କରିବା ନିମନ୍ତେ ଯେଉଁ ଅଭିନୟ ପ୍ରଦର୍ଶନ କରାଯାଏ, ତାହାହିଁ ହେଉଛି ଯଥାର୍ଥରେ ଲୋକନୃତ୍ୟ । ନିରାଭରଣ, ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ ଅଭିବ୍ୟକ୍ତି ହେଉଛି ଲୋକନାଟକର ମୂଳ ଆଧାର । ଏହି ଧାରାରେ ଅନେକ ଆଲୋଚକ ପଶୁମୁଖା ନାଚକୁ ଲୋକନାଟକର ଆଦିମ ପର୍ଯ୍ୟାୟର ସୃଷ୍ଟି ଭାବରେ ଗ୍ରହଣ କରିଥାନ୍ତି । ମାନବ ଅରଣ୍ୟ ଭିତରେ ଆରମ୍ଭ କରିଛି ତା'ର ଜୀବନର ଅଭିସାର । ପ୍ରକୃତିର ବୈଚିତ୍ର୍ୟ ଠାରୁ ଆରମ୍ଭ କରି ଜୀବଜନ୍ତୁ, ପଶୁପକ୍ଷୀ ହୋଇଉଠିଛନ୍ତି ତା'ର ଅନ୍ତରଙ୍ଗ । ସେମାନଙ୍କ ବିଚିତ୍ର, ଭୟାନକ ଓ ସୌନ୍ଦର୍ଯ୍ୟମୟ ବିଭିନ୍ନ ଆଚରଣକୁ ଅନୁକରଣ କରି ଗଢ଼ିଉଠିଛି ପଶୁ ଓ ପଶୁମୁଖା ନାଚ । ବିଶ୍ୱାସ କରାଯାଏ- ପ୍ରାଚୀନ ପ୍ରସ୍ତର ଯୁଗରୁ ଏହା ବିକାଶ ଲାଭ କରିଛି । କ୍ରମେ ଏହି ନୃତ୍ୟ ବିକଶିତ ମାନବ ସମାଜର ଧାର୍ମିକ ଚେତନାକୁ ଆଧାର କରି ଭିନ୍ନ ରୂପ ଧାରଣ କରିଅଛି ।

ପଶୁମୁଖାନୃତ୍ୟର ଆଲୋଚନା ପ୍ରସଙ୍ଗରେ ପ୍ରଥମତଃ ଦୃଷ୍ଟି ଆକର୍ଷଣ କରିଥାଏ 'ଲୋକ ଆରାଧନା' ପରମ୍ପରା । ଓଡ଼ିଶାର ପ୍ରତ୍ୟେକ ଗ୍ରାମର ନାମକରଣ ଠାରୁ ଆରମ୍ଭ କରି ଜୀବନ ଧାରଣ ପ୍ରଣାଳୀ ସହ ଆଞ୍ଚଳିକ କୂଳଦେବତାଟିଏ ସୃଷ୍ଟି ହୋଇଥିବା ଲକ୍ଷ୍ୟ କରିହୁଏ । ଏହି ଦେବତାର ସୃଷ୍ଟି ଅନ୍ତରାଳରେ ଜନ୍ମ-ମୃତ୍ୟୁ, ସୌଭାଗ୍ୟ-ଦୁର୍ଭାଗ୍ୟ, ବ୍ୟାଧି ଓ ପରିତ୍ରାଣର ସଂପର୍କ ଥାଏ ଅତି ଘନିଷ୍ଟ । ପ୍ରତ୍ୟେକ ଗ୍ରାମର ଏହି ଆରାଧ ପରାମ୍ପରାଟିର କେନ୍ଦ୍ରବିନ୍ଦୁ ହେଉଛି ନାରୀ । ଏଠାରେ ନଈପଠା କିମ୍ବା ଗ୍ରାମ ଉପକଣ୍ଠ ଥାଏ ଦେବୀଙ୍କ ଆସ୍ଥାନ । କାଷ୍ଠ, ପ୍ରସ୍ତରରେ ଗଢ଼ା ହୋଇଥାଏ ପ୍ରତିମା । କେତେବେଳେ ଏହା ପ୍ରାକୃତିକ ଶିଳା କିମ୍ବା କାଷ୍ଠ ଖଣ୍ଡରେ ପୂଜା ପାଇଥାଏ । ଏହି ଆରାଧନା ପୀଠରେ କାଷ୍ଠ, ମୃତ୍ତିକା, ଶିଳା, ପାଳ ନିର୍ମିତ ଘୋଡ଼ା ଓ ହାତୀ ତଥା ବିଭିନ୍ନ ପଶୁପକ୍ଷୀ ଭକ୍ତଙ୍କ ଦ୍ୱାରା ସମର୍ପିତ ହୋଇଥିବା ଦେଖିବାକୁ ମିଳେ । ଏହାର ଯାନିଯାତ୍ରା, ପର୍ବପର୍ବାଣି ଗ୍ରାମଦେବୀଙ୍କ ପାର୍ବଣ ଅବସରରେ ପ୍ରାୟତଃ ଭକ୍ତମାନଙ୍କ ଇଚ୍ଛା ଉପରେ ନିର୍ଭର କରିଥାଏ ।

ମୁଖା ଓ ପୋଷାକ ଧାରଣ କରି ବିଭିନ୍ନ ପ୍ରକାର ନୃତ୍ୟ ପ୍ରଦର୍ଶିତ ହୋଇଥାଏ । ତେଣୁ ଧାର୍ମିକ ପରମ୍ପରା ଭିତରୁ ପଶୁମୁଖା ନୃତ୍ୟ ସୃଷ୍ଟି ହୋଇଥିବା ବିଶ୍ୱାସ କରାଯାଏ । ଏହି ଗ୍ରାମ୍ୟ ଉପାସନା ପରମ୍ପରା ପରବର୍ତ୍ତି ସମୟରେ ରାମାୟଣ ଓ ମହାଭାରତର କାହାଣୀ ଓ ଘଟଣା ଆଧାରରେ ପରିବ୍ୟାପ୍ତ ହୋଇଥିବା ଅନୁମାନ କରାଯାଏ । ତେଣୁ ବସ୍ତୁତଃ କହିବାକୁ ଗଲେ ଲୋକବିଶ୍ୱାସ ଓ ଚଳଣି ହେଉଛି ପଶୁମୁଖା ନୃତ୍ୟର ମୁଖ୍ୟ ଆଧାର ।

ପଶୁମୁଖା ନୃତ୍ୟକୁ ଅନୁଧାନ କଲେ ଦେଖାଯାଏ ଏହା ହେଉଛି ଛଦ୍ମ ଆବରଣ ଧାରଣ କରି ବାସ୍ତବ ବ୍ୟକ୍ତିତ୍ୱକୁ ଗୋପନ ରଖି ଅନ୍ୟ ଏକ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଏକ ନାଟ୍ୟରୂପ । ସାଧାରଣତଃ ମୁଖକୁ ଆଚ୍ଛାଦନ ଓ ସ୍ଥଳ ବିଶେଷରେ ସମଗ୍ର ଶରୀରକୁ ଆଚ୍ଛାଦନ କରି ଏକ ପଶୁର ଚରିତ୍ର; କିମ୍ବା ଅନ୍ୟ କେତେକ ସ୍ଥଳେ ପ୍ରତୀକାତ୍ମକ ଭାବେ ଦୃଷ୍ଟ ଚରିତ୍ରକୁ ଆଧାର କରି ଏହା ପ୍ରଦର୍ଶିତ ହୋଇଥାଏ । ଏହାର ରୂପ ଥାଏ ପ୍ରାକୃତିକ କିନ୍ତୁ ପ୍ରଦର୍ଶିତ ନୃତ୍ୟର ଉଦ୍ଦେଶ୍ୟ ଥାଏ, ଆଞ୍ଚଳିକ କିମ୍ବା ସମୟ ଭିତ୍ତିକ । ତେଣୁ ଦୁଇଟି ସତ୍ତାର ପ୍ରକାଶ ପଶୁମୁଖା ନୃତ୍ୟରେ ଅନୁଭବ କରିହୁଏ । ଗୋଟିଏ ହେଉଛି ଛଳନାମୟ ବ୍ୟକ୍ତିତ୍ୱର ପ୍ରକାଶ, ଅନ୍ୟଟି ହେଉଛି ସ୍ୱପ୍ରକାଶ । ବସ୍ତୁତଃ କହିବାକୁ ଗଲେ ଏହା ହେଉଛି ପାପପୁଣ୍ୟ ଭିତରେ ଏକ ସଂଘର୍ଷ । ଅନ୍ୟ କେତେଙ୍କ ଦୃଷ୍ଟିରେ ଏହା ହେଉଛି ଦୃଶ୍ୟ ଏବଂ ଅଦୃଶ୍ୟ ମଧ୍ୟରେ ସଂଘର୍ଷର ଇତିବୃତ୍ତ । ତେଣୁ ଆପଣାର ସତ୍ତା ଏବଂ ଅନ୍ୟ ଏକ ସତ୍ତା ଉଭୟକୁ ଆଧାର କରି ପଶୁମୁଖା ନାଚ ଗଢ଼ି ଉଠିଥିବା ଲକ୍ଷ୍ୟ କରିହୁଏ । ପ୍ରାୟତଃ ଏହା ପରମ୍ପରାଗତ ଭାବରେ ଗୋଟିଏ ପିଢ଼ିରୁ ଅନ୍ୟ ଏକ ପିଢ଼ିକୁ ପ୍ରସାରିତ ହୋଇଥାଏ । ବ୍ୟକ୍ତିର ପରିଦୃଶ୍ୟମାନ ପ୍ରତିଫଳନ ଏହି ନୃତ୍ୟରେ ଅନୁଭବ କରିହୁଏ । ବସ୍ତୁତଃ କହିବାକୁ ଗଲେ ଏହା ହେଉଛି ନାନ୍ଦନିକତା ଓ କାଳ୍ପନିକତାର ମଧୁର ସମନ୍ୱୟ ।

ଉପରୋକ୍ତ ଦୃଷ୍ଟିକୋଣ ନେଇ ଓଡ଼ିଶାର ଲୋକନୃତ୍ୟର ପ୍ରକାଶ କ୍ଷେତ୍ରକୁ ଅନୁଧାନ କଲାବେଳେ ପଶୁମୁଖା ନୃତ୍ୟର ମହତ୍ତ୍ୱକୁ ସ୍ପଷ୍ଟ ଅନୁଭବ କରିହୁଏ । ଓଡ଼ିଶାର ଭୌଗୋଳିକ ପରିମଣ୍ଡଳ ଅତୀବ ବୈଚିତ୍ର୍ୟପୂର୍ଣ୍ଣ । ସମତଳ, ଉପକୂଳ ଏବଂ ପାର୍ବତ୍ୟାଞ୍ଚଳର ତ୍ରିବିଧ ଚେତନାକୁ ନେଇ ଏହାର ସଂସ୍କୃତି ଗଢ଼ିଉଠିଛି । ଆର୍ଯ୍ୟ, ଦ୍ରାବିଡ଼ ଓ ଶବର ପରି ତିନୋଟି ଗୋଷ୍ଠୀର ଜୀବନଧାରଣ ସମନ୍ୱୟ ଏ ମାଟିକୁ କରିଛି ବୈଚିତ୍ର୍ୟ ବିମଣ୍ଡିତ । ବିଶେଷ କରି ପ୍ରାଚୀନ ଜନଜାତି ଏହାର ଜନସଂଖ୍ୟାର ପ୍ରାୟ ଦୁଇ ତୃତୀୟାଂଶ ସଂଖ୍ୟାକୁ ଚିହ୍ନିତ କରିଥାଏ । ଏକ ବିଂଶ ଶତାବ୍ଦୀରେ ମଧ ଓଡ଼ିଶା ହେଉଛି ଏକ ଗ୍ରାମବହୁଳ ରାଜ୍ୟ । ବ୍ରହ୍ମପୁର, ସମ୍ବଲପୁର, କଟକ ପରି ନଗର ବୋଲାଉଥିବା ଅଞ୍ଚଳଗୁଡ଼ିକ ମଧ ଅନେକ ଗ୍ରାମର ସମାହାର କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ଏହାର ଲୋକାନୁଭୂତି ଅନୁରୂପ ଚେତନାକୁ ଆଧାର କରି ଗଢ଼ିଉଠିଥିବା ଅସ୍ୱାଭାବିକ ମନେ ହୁଏନାହିଁ । ତେଣୁ ଓଡ଼ିଶାର ପର୍ବପର୍ବାଣି, ଯାନିଯାତ୍ରା, ମେଳା ମହୋତ୍ସବ, ବିବାହ ବ୍ରତ, ଉତ୍ସବରେ ଆରଣ୍ୟକ ଉଲ୍ଲାସର ସ୍ପର୍ଶକୁ ଅନୁଭବ କରିହୁଏ । ଚଇତି ଘୋଡ଼ା, ବାଘ, ବୃଷଭ, ରଣପା, ଚଢ଼େୟା ଚଢ଼େୟାଣୀ ଇତ୍ୟାଦି ଶୋଭାଯାତ୍ରାକୁ ଆନନ୍ଦ ମୁଖର କରିଥିବା ଲକ୍ଷ୍ୟ କରିହୁଏ । ତେଣୁ ଲୋକାନୁଭୂତିର ସାର୍ଥକ ପ୍ରତିଫଳନ ଭିତରେ ପଶୁମୁଖା ନାଚକୁ ଅନୁଧାନ କରାଯାଇପାରେ ।

ପଶୁମୁଖା ନାଚଟିର ନାମକରଣରୁ ହିଁ ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ କୌଣସି ଏକ ପଶୁ କିମ୍ବା ପକ୍ଷୀର ମୁଖା ଧାରଣ କରି ନୃତ୍ୟ କରିବା ହିଁ ପଶୁମୁଖା ନାଚ । ମାନବ ଏବଂ ପଶୁମାନଙ୍କ ମଧ୍ୟରେ ଯେଉଁ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କଟିଏ ରହିଛି ତାହାରି କଳାତ୍ମକ ରୂପଟି ହିଁ ହେଉଛି ଏହି ନାଚ । ମାନବ ନିଜର ପ୍ରତିଦିନର କାର୍ଯ୍ୟରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଏହି ପଶୁମାନଙ୍କ ସାହାଯ୍ୟ ଲୋଡ଼ିଥାଏ । ଏମାନଙ୍କ ସହ ତାର ସଂପର୍କ କେତେବେଳେ ବନ୍ଧୁତ୍ୱପୂର୍ଣ୍ଣ ତ କେତେବେଳେ ଶତ୍ରୁତାପୂର୍ଣ୍ଣ । ସେ କେତେକ ପଶୁକୁ ଗୃହପାଳିତ ପଶୁରୂପେ ବ୍ୟବହାର କରେ ଓ ଆଉ କେତେକ ହିଂସ୍ର ପଶୁଙ୍କଠାରୁ ନିଜକୁ ଦୂରେଇ ରଖେ । ଏହି ସଂପର୍କକୁ ସେ ଯେଉଁ ନୃତ୍ୟ କଳା ମାଧ୍ୟମରେ ପ୍ରକାଶ କରେ ତାହାହିଁ ପଶୁମୁଖା ନାଚ । ବିଶ୍ୱର ଅନେକ ସ୍ଥାନରେ ଏହି କଳାର ପ୍ରଚଳନ ଥିଲେ ସୁଦ୍ଧା ଏହାର ବିକାଶ ଦିଗରେ ଗଞ୍ଜାମର ଘୁମୁସର ଅଞ୍ଚଳର ଅବଦାନ ଅନସ୍ୱୀକାର୍ଯ୍ୟ । ଫଳସ୍ୱରୂପ ପଶୁମୁଖା ନାଚ ଆଜି ଓଡ଼ିଆର ସାଂସ୍କୃତିକ ବୈଶିଷ୍ଟ୍ୟକୁ ନେଇ ଆପଣାର କୀର୍ତ୍ତି କାଳ ବକ୍ଷରେ ଆଙ୍କିପାରିଛି । ଓଡ଼ିଶାର ଗ୍ରାମ ବହୁଳ ସରଳ ମାନବର ସାର୍ଥକ ଅଭିବ୍ୟକ୍ତି ଏହି କଳା ରୂପରେ ସୁସ୍ପଷ୍ଟ । ମୁଖ୍ୟତଃ କହିବାକୁ ଗଲେ ଓଡ଼ିଶା ହେଉଛି ଅର୍ଥନୈତିକ ଦୃଷ୍ଟିରୁ ଅନଗ୍ରସର ଏକ ଅଞ୍ଚଳ । ଏଠାକାର ଆଦିବାସୀ ମୌଳିକ ସୁବିଧା ଏବଂ ସୁଯୋଗରୁ ଏଯାବତ ବଞ୍ଚିତ କହିଲେ ଅତ୍ୟୁକ୍ତି ହେବ ନାହିଁ । କୃଷିଭିତ୍ତିକ ଜୀବନ ପ୍ରଣାଳୀକୁ ଅବଲମ୍ବନ କରି ଏହାର ବିପୁଳ ଜନତା କାଳ ଅତିବାହିତ କରିଥାନ୍ତି । ଆଧୁନିକ ଉଚ୍ଚମାନର ରଙ୍ଗମଞ୍ଚ, ଆଭୂଷଣ, ବାଦ୍ୟଯନ୍ତ୍ର, ଆଲୋକ ସଂପାଦ ଇତ୍ୟାଦି ଗ୍ରାମ୍ୟ ପରିସରରେ ସୁଲଭ ନୁହେଁ । ତେଣୁ ମନୋରଞ୍ଜନର ଏକମାତ୍ର ମାଧ୍ୟମ ହେଉଛି ସ୍ୱଳ୍ପ ଖର୍ଚ୍ଚର ଲୋକନାଟକ । ଅବଶ୍ୟ ଏ କଥା ସତ୍ୟ ଇଂରେଜ ମାନଙ୍କ ଆଗମନ, ନୂତନ ଶିକ୍ଷାନୀତିର ପ୍ରଣୟନ, ପତ୍ରପତ୍ରିକା ଓ ପୁସ୍ତକ ପ୍ରକାଶନ ଦିଗରେ ଯଥେଷ୍ଟ ଉଦ୍ୟମ ସାଂସ୍କୃତିକ ଜୀବନରେ ଅନେକ ପରିବର୍ତ୍ତନ ଆଣିଛି । ଏସବୁ ସତ୍ତ୍ୱେ ତଥାପି ବିପୁଳ ଜନତା ଏଯାବତ ପରମ୍ପରା ସହିତ ଘନିଷ୍ଠ ଭାବରେ ସଂପୃକ୍ତ । ଏହା ହିଁ ସବୁରି ଭିତରେ ଲୋକ ଜୀବନର ଅଭିବ୍ୟକ୍ତିକୁ ଅକ୍ଷୂର୍ଣ୍ଣ ରଖିପାରିଛି ।

ଉପରୋକ୍ତ ଦୃଷ୍ଟିକୋଣରୁ ଅନୁଧାନ କଲେ ପଶୁମୁଖା ନାଚର ପ୍ରାସଙ୍ଗିକତାକୁ ଏକବିଂଶ ଶତାବ୍ଦୀର ପୃଥିବୀରେ ବେଶ ଗୁରୁତ୍ୱର ସହ ବିଚାର କରାଯାଏ । ବାସ୍ତବିକ ଏ ନାଟକ ହେଉଛି ଗଣ ମନୋରଞ୍ଜନର ଏକ ଶ୍ରେଷ୍ଠ ମାଧ୍ୟମ । ଏବଂ ଏହାର ଉପସ୍ଥାପନା ପାଇଁ ଯେକୌଣସି ପରିସର ମଧ୍ୟ ବ୍ୟବହାର କରାଯାଇପାରେ । ପୁଣି ସୀମିତ ସଂଖ୍ୟକ କଳାକାର ମଧ୍ୟ ଏହାକୁ ପରିବେଷଣ କରିପାରନ୍ତି । କେତେକ ମୁଖାକୁ ବାଦ ଦେଲେ ଏଥି ନିମନ୍ତେ ଅର୍ଥର ମଧ୍ୟ ଆବଶ୍ୟକତା ଥାଏ ଖୁବ୍ କମ । ତେଣୁ ପଶୁମୁଖା ନାଚ ଅତୀତ ଓ ସାଂପ୍ରତିକକୁ ଗୋଟିଏ ବିନ୍ଦୁରେ ସମାହିତ କରି ମନୋରଞ୍ଜନ ସହ ଜ୍ଞାନ ବିତରଣ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଦେଖାଯାଏ ଯେ, ମାନସିକ ପୂରଣ ପରେ ଯାନିଯାତ୍ରାରେ ଏହି ନାଚ ପ୍ରଦର୍ଶନ କରିବା ନିମନ୍ତେ ମାନସିକ କରିଥାନ୍ତି । ପ୍ରାଥମିକ ପର୍ଯ୍ୟାୟରେ ଏହା ଅଧିକ ଭାରି ହୋଇଥିବାରୁ ଦୁଇଟି କାଠ ପୋତି ମୁଖ୍ୟ ଛକ ଜାଗାମାନଙ୍କରେ ଦେଖଣାହାରିଙ୍କ ଦର୍ଶନ ନିମନ୍ତେ ମୁଖାକୁ ରଖାଯାଉଥିଲା । ପରେ କିନ୍ତୁ ଏହାକୁ ମନୋରଞ୍ଜନ ଧର୍ମୀ କରିବା ନିମନ୍ତେ ହାଲୁକା କରି ପ୍ରସ୍ତୁତ କରାଗଲା । ଏବଂ ଜନଗହଳି ରାସ୍ତାରେ ବେଶଗୁଡ଼ିକୁ ନଚାଇ ନଚାଇ ପ୍ରଦର୍ଶନ କରାଗଲା । ଏହି ନୃତ୍ୟରେ ମୁଖ୍ୟତଃ ବାଘ, ବୃଷଭ, ଘୋଡ଼ା, ହରିଣ ଇତ୍ୟାଦି ବେଶକୁ ମୂଳ ରୂପେ ବ୍ୟବହାର କରାଯାଏ । ପରବର୍ତ୍ତୀ ସମୟରେ ଲୋକମାନଙ୍କ ଦ୍ୱାରା ଲୋକମାନଙ୍କ ପାଇଁ ଏହି ନୃତ୍ୟ ପରିବେଷଣ କରାଯାଉଥିବାରୁ ଏହା ନୃତ୍ୟ ଲୋକନୃତ୍ୟର ମାନ୍ୟତା ଲାଭ କରିଛି ।

# ଭାରତୀୟତା ଏବଂ ସନାତନ ସଂସ୍କୃତି

**॥ ଗୋଲଖ ଚନ୍ଦ୍ର ଦାସ ॥**

ଏହା ବାସ୍ତବରେ ଏକ ଐତିହାସିକ ଦିନ । ଦ୍ରୌପଦୀ ମୁର୍ମୁ ଭାରତର ୧୫ତମ ରାଷ୍ଟ୍ରପତି ଭାବରେ ଆସନ ଅଳଙ୍କୃତ କରିଛନ୍ତି । ପ୍ରଥମ ଜନଜାତୀ ମହିଳା ଭାରତର ପ୍ରଥମ ନାଗରିକ ହୋଇ ରାଷ୍ଟ୍ରୀୟ ଭବନରେ ପ୍ରବେଶ କରିଛନ୍ତି । ଏହି ଦିନଟି କେବଳ ଏହି ଦେଶର ୧୨ କୋଟିରୁ ଅଧିକ ଜନଜାତୀ ସମାଜ ପାଇଁ ନୁହେଁ, ବରଂ ସମଗ୍ର ଭାରତ ଇତିହାସରେ ସୁବର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିଗଲା । ଆଜି ସମଗ୍ର ଦେଶବାସୀଙ୍କ ମସ୍ତକ ଗର୍ବରେ ଉଚ୍ଚରେ ରହିଛି । ଭାରତ ସ୍ୱାଧୀନତାର ଅମୃତ ମହୋତ୍ସବରେ ଜଣେ ଜନଜାତୀ ମହିଳାଙ୍କୁ ଦେଶର ସର୍ବୋଚ୍ଚ ପଦରେ ଅଧିଷ୍ଠାନ କରାଇବା, ଦେଶର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ ଘଟଣା ଭାବରେ ବିବେଚନା କରାଯାଉଛି ।ଏକ ଗୌରବଶାଳୀ ପରମ୍ପରା, ସଂସ୍କୃତି ସହିତ ସଂସ୍କାରୀତ ଜୀବନ ଯାପନ କରିବା ଏହି ଦେଶର ଏକ ପ୍ରମୁଖ ଉପାଦାନ ବା ଅଂଶଭୂତ । ଏହାସତ୍ତ୍ୱେ ଯେଉଁ ସମାଜ ପଛୁଆ, ଅନ୍ଧବିଶ୍ୱାସୀ, ନିଶାସକ୍ତ ଭାବରେ ଚିତ୍ରିତ ହୋଇ ବର୍ଷବର୍ଷ ଧରି ଅବହେଳିତ ହୋଇ ଆସିଛି , ଏପରି ସମାଜର ଜଣେ ବ୍ୟକ୍ତି, ସେ ଜଣେ ମଧ ମହିଳା ଦେଶର ସର୍ବୋଚ୍ଚ ପଦରେ ପହଁଚିଛନ୍ତି , ଏହା ଦେଶ ପାଇଁ ଏକ ଶୁଭ ସଂକେତ । ୭୫ ବର୍ଷ ବିଳମ୍ବ ହୋଇଥିଲେ ମଧ, ଜନଜାତୀ ସମାଜକୁ ତାଙ୍କର ଅଂଶ, ଭାଗିଦାରୀ ଦେବା ପାଇଁ ଏହା ଏକ ଉପଯୁକ୍ତ ପଦକ୍ଷେପ ଭାବରେ ବିବେଚନା କରାଯାଉଛି । ଏହା ସତ୍ୟ ଯେ, ଜନଜାତୀ ସମାଜ ବିଷୟରେ ଆଜି ମଧ ସଂପୂର୍ଣ୍ଣ ଦେଶରେ ଭୁଲ ପ୍ରତିଛବି ସୃଷ୍ଟି ହୋଇଛି । ଆମ ସମାଜ ମଧ୍ୟରୁ ଏହିପରି ଭ୍ରାନ୍ତଧାରଣା ଦୂରକରିବାର ଆବଶ୍ୟକତା ଥିଲା । ଦୁର୍ଭାଗ୍ୟବଶତ ଏହି ଦେଶ ଜନଜାତୀ ସମାଜର ଆକ୍ରୋଶକୁ କେବେ ବୁଝି ପାରିନଥିଲା । ଜନଜାତୀ ସମାଜର ଏତେ ବଡ ସ୍ୱର ନଥିଲା କି ସେମାନଙ୍କର ନେତୃତ୍ୱ ମଧ ନଥିଲା । ଯେଉଁଥିପାଇଁକି ସମଗ୍ର ସମାଜ ନିକଟରେ ସେମାନଙ୍କ ଧ୍ୱନୀ ପ୍ରତିଧ୍ୱନୀତ୍ୱ ହୋଇ ପାରୁନଥିଲା ।

ଜନଜାତୀ ସମାଜ ଉପରେ ଯେତେବେଳେ ବିଶ୍ୱାସ ସୃଷ୍ଟି ହୋଇଛି, ଯେତେବେଳେ ସେମାନଙ୍କୁ ସୁଯୋଗ ମିଳିଛି, ସେମାନେ ଦ୍ରୁତ ଗତିରେ ପ୍ରଗତି ଆଡକୁ ଅଗ୍ରସର ହେବାର ଅନେକ ଉଦାହରଣ ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ରାଜନୀତିରେ ହେଉ, ସାମାଜିକ କ୍ଷେତ୍ରରେ ହେଉ କିମ୍ବା କ୍ରୀଡା କ୍ଷେତ୍ରରେ, ଜନଜାତି ସମାଜ ସର୍ବଦା ନିଜର ପ୍ରତିଭାକୁ ପ୍ରମାଣିତ କରି ଦେଶର ଗୌରବ ବଢାଇଛନ୍ତି । ଇଂରେଜମାନେ ଯେଉଁ ବିକୃତମାନସିକତାରେ ଜନଜାତି ସମାଜକୁ ଦେଖୁଥିଲେ ତାହା ମଧ ଦେଶ ସ୍ୱାଧୀନତା ପରେ ପରିବର୍ତ୍ତନ ହୋଇନଥିଲା । ଯେଉଁ ସମାଜରେ ବିର୍ସା ମୁଣ୍ଡା, ରାଣୀ ଗାଇଡିନଲ୍ୟୁ, ରାଣୀ ଦୁର୍ଗାବତୀ, ରାଘୋଜୀ ଭାଙ୍ଗରଙ୍କ ପରି ଶହ ଶହ ବୀର କ୍ରାନ୍ତିକାରୀ ଭାରତକୁ ବ୍ରିଟିଶ ଦାସତ୍ୱରୁ ମୁକ୍ତ କରିବା ପାଇଁ ନିଜର ଜୀବନକୁ ଉତ୍ସଗ କରିଥିଲେ, ଏପରି ସମାଜ କିପରି ପଛୁଆ ହୋଇ ରହିପାରିବ ? ଦୁର୍ଭାଗ୍ୟବଶତ ସ୍ୱାଧୀନ ଭାରତରେ ବ୍ରିଟିଶମାନଙ୍କ ନୀତି ହେତୁ ଜନଜାତୀ ସମାଜ ମଧ ସେହି ରାସ୍ତାରେ ପାଦ ଥାପି ଚାଲିଥିଲେ । ସ୍ୱାଧୀନତା ପରେ ବିଭିନ୍ନ ରାଜନୈତିକ ଦଳ ଜନଜାତି ସମାଜକୁ ନିଜର ଭୋଟ ବ୍ୟାଙ୍କ ରୂପରେ ବ୍ୟବହାର କରୁଥିଲେ । କଂଗ୍ରେସ ସରକାର ଦଶନ୍ଧି ଧରି ଶାସନ କରିବା ପରେ ମଧ ଜନଜାତି ସମାଜ ଲୋକଙ୍କ ବିକାଶ ପାଇଁ ଉପଯୁକ୍ତ ପଦକ୍ଷେପ ନେଇ ନଥିଲା କିମ୍ବା ଦେଶର ସର୍ବୋଚ୍ଚ ପଦ ପାଇଁ ସେମାନେ ଯୋଗ୍ୟ ବୋଲି କେବେ ବିବେଚନା କରିନଥିଲା । ବର୍ତମାନ ସରକାର ଜଣେ ଜନଜାତି ମହିଳାଙ୍କୁ ଯେଉଁ ବିଶ୍ୱାସର ସହିତ ରାଷ୍ଟ୍ରପତି ପଦରେ ବସାଇଛନ୍ତି ତାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ସମସ୍ତ ଦଳର ସମର୍ଥନରେ ଯଦି ନିର୍ବାଚିତ ହୋଇଥାନ୍ତେ ତାହା ହେଲେ ଭଲ ହୋଇଥାନ୍ତା । ବର୍ଷ ବର୍ଷ ଧରି ଏହି ଦେଶର ଯେଉଁ ସମାଜ ଅବହେଳା, ଅନ୍ୟାୟର ଶିକାର ହୋଇଛି, ସେହି ସମାଜକୁ ବିଭିନ୍ନ କ୍ଷେତ୍ରରେ ପ୍ରତିନିଧିତ୍ୱ କରିବାକୁ ବର୍ତ୍ତମାନର ସରକାର ଉଦ୍ୟମ କରୁଛନ୍ତି । ଯେଉଁ କାରଣରୁ ଏକ ସମରସତା ଯୁକ୍ତ ବାତାବରଣ ସୃଷ୍ଟି ହୋଇ ଏହି ଦେଶ ଦ୍ରୁତ ଗତିରେ ପ୍ରଗତି ଆଡକୁ ଗତି କରିବ, ଏହି ଆଶା ଓ ବିଶ୍ୱାସ ସମସ୍ତଙ୍କର ରହିଛି ।

ଦ୍ରୌପଦୀ ମୁର୍ମୁ ଯେଉଁ ଜନଜାତୀ ସମାଜରୁ ଆସିଛନ୍ତି, ପ୍ରାୟ ୧୨ କୋଟିର ଜନଜାତୀ ସମାଜ ଏବେ ମଧ ବିଭିନ୍ନ ସମସ୍ୟା ସହ ସଂଘର୍ଷ କରୁଛନ୍ତ । ଆଜି ବି ଏହି ସମଗ୍ର ଅଂଚଳରେ ମୌଳିକ ବ୍ୟବସ୍ଥାର ଅଭାବ ଦୃଶ୍ୟମାନ ହେଉଛି । ଦେଶର ସର୍ବୋଚ୍ଚ ମୁଖ୍ୟ ଭାବରେ ଦ୍ରୌପଦୀ ମୁର୍ମୁ ଏହି ସମାଜର ସମସ୍ୟା ପ୍ରତି ବିଶେଷ ଧାନ ଦେବେ ବୋଲି ଆଶା କରାଯାଉଛି । ବିଭିନ୍ନ ଅନ୍ତରାଷ୍ଟ୍ରୀୟ ଗତିବିଧି ଯେପରି ଆଦିବାସୀ ସମାଜକୁ ବ୍ୟବହାର କରି ସେମାନଙ୍କୁ ଏହି ଦେଶ ବିରୁଦ୍ଧରେ ଠିଆ କରିବାକୁ ପ୍ରୟାସ କରିଛି । ସେହି ପ୍ରୟାସକୁ ବିଫଳ କରିବା ତାଙ୍କର ପ୍ରାଥମିକତା ହେବା ଉଚିତ । ବିଦେଶୀ ଶକ୍ତିର ଷଡଯନ୍ତ୍ର ମାଧ୍ୟମରେ ଖ୍ରୀଷ୍ଟିଆନ ମିଶନାରୀମାନଙ୍କ ଦ୍ୱାରା ଜନଜାତୀମାନଙ୍କୁ ବହୁଳ ମାତ୍ରାରେ ଧର୍ମାନ୍ତରୀଣ କରାଯାଉଛି । କିଛି ବିଶେଷ ଗୋଷ୍ଠୀମାନଙ୍କ ଦ୍ୱାରା ଜନଜାତୀ ସମାଜ ପାଇଁ ଅଲଗା ଧର୍ମ କୋର୍ଡ ଦାବି ହେଉଛି । ଏସବୁ ଭାରତ ବିରୋଧୀ ଏଜେଣ୍ଡାର ଏକ ଅଂଶ ବିଶେଷ ଯାହା ଭାରତକୁ ଅସ୍ଥିର କରିବାକୁ ଚେଷ୍ଟା କରାଯାଉଛି । ଯେଉଁଥିରେ ଜନଜାତୀ ସମାଜର ଲୋକମାନେ ସେମାନଙ୍କର ଷଡଯନ୍ତ୍ରର ଶିକାର ହେଉଛନ୍ତି । ଏହି ଦୃଷ୍ଟିକୋଣରୁ ମଧ ତାଙ୍କୁ ଜନଜାତୀ ସମାଜର ସମସ୍ୟାର ମୂଳ କାରଣ ଖୋଜିବାକୁ ଚେଷ୍ଟା କରିବାକୁ ପଡିବ । ନିଜର ବ୍ୟକ୍ତିଗତ ଜୀବନରେ ସମସ୍ତ ପ୍ରକାର ସଘର୍ଷର ସମ୍ମୁଖୀନ ହୋଇ ଦ୍ରୌପଦୀ ମୁର୍ମୁ ଯେପରି ସାମାଜିକ ତଥା ରାଜନୈତିକ ଜୀବନରେ ନିଜକୁ ପ୍ରତିଷ୍ଠିତ କରିଥିଲେ, ସେହି ଅଭିଜ୍ଞତା ଆଧାରରେ ରାଷ୍ଟ୍ରପତି ଭାବରେ ସେ ମଧ ଏହି ଦେଶର ଏକତା ତଥା ଅଖଣ୍ଡତା ପାଇଁ ନିଜର ସର୍ବୋଚ୍ଚ ଯୋଗଦାନ କରିବେ ବୋଲି ଦେଶବାସୀଙ୍କର ବିଶ୍ୱାସ ଅଛି । ତାଙ୍କର ଦୃଢ ବିଶ୍ୱାସ ଏବଂ ଇଚ୍ଛାଶକ୍ତି ଏଥିରୁ ବୁଝିବାକୁ ହେବ ଯେ ସ୍ୱାମୀ ଏବଂ ପିଲାମାନଙ୍କୁ ହରାଇବା ପରେ ମଧ ସେ ସମାଜ ସମସ୍ୟାର ସମାଧାନ ପାଇଁ ସଂଗ୍ରାମରୁ ବିରତ ରହିନାହାଁନ୍ତି ସମାଜରେ ସଚେତନତା ଆଣିବା ପାଇଁ ସେ ବ୍ୟାପକ କାର୍ଯ୍ୟ କରିଛନ୍ତି । ସାମ୍ବିଧାନିକ ପଦବୀରେ ରହି ମଧ ସମାଜର ସମସ୍ୟାକୁ ଜାତୀୟସ୍ତରରେ ଉଠାଇଛନ୍ତି । ଯେଉଁଦିନ ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷିତ କରାଯାଇଥିଲା, ସେହି ଦିନ ସକାଳେ ସେ ନିଜ ଜନ୍ମସ୍ଥାନ ରାଇରଙ୍ଗପୁରର ଶିବ ମନ୍ଦିରରେ ପୂଜା-ଅର୍ଚ୍ଚନା କରିଥିଲେ । ଏହି ପୂଜା ସହିତ ସେ ସମଗ୍ର ସମାଜକୁ ଭାରତୀୟତା ଏବଂ ସନାତନ ସଂସ୍କୃତି ତଥା ଏକତାର ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ଅଭୁତପୂର୍ବ ଥିଲା ।


**ଘିଗିଡିଆ, ବାରୁଅ, କେନ୍ଦ୍ରାପଡା**
**ମୋ-୯୮୬୧୦୨୮୫୫୩**


# ଭାବା ଓ ଶାସ୍ତ୍ରୀଙ୍କ ହତ୍ୟା ପଛରେ ଆମେରିକା

**॥ ସୌମେନ୍ଦ୍ର ଜେନା ॥**

ବିଗତ ଶତାବ୍ଦୀର ସତୁରୀ ଦଶକରେ ଦୁଇଦୁଇଟି ଆକସ୍ମିକ ମୃତ୍ୟୁକୁ ନେଇ ଭାରତବର୍ଷ ଚିନ୍ତାରେ ପଡିଥିଲା । ଦେଶର ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ଏବଂ ବରିଷ୍ଠ ବୈଜ୍ଞାନିକ ହୋମି ଜାହାଙ୍ଗୀର ଭାବାଙ୍କ ମୃତ୍ୟୁକୁ କେନ୍ଦ୍ରକରି ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ସେ ସମୟରେ ପାକ୍ ଆମେରିକାର ସହଯୋଗୀ ଥିଲାବେଳେ ଭାରତ ସୋଭିଏତ ଋଷିଆର ସହଯୋଗୀ ରାଷ୍ଟ୍ର ଥିଲା । ଭାରତ -ପାକିସ୍ଥାନ ମଧ୍ୟରେ ୧୯୬୫ ଯୁଦ୍ଧର ପରିସମାପ୍ତି ପାଇଁ ତାସକେଣ୍ଟଠାରେ ଶାନ୍ତି ରାଜିନାମା ହେବା ପରେ ଶାସ୍ତ୍ରିଜୀଙ୍କ ମୃତ୍ୟୁ ଏବଂ ଅଳ୍ପ କେଇଦିନ ଅନ୍ତରରେ ହୋମି ଭାବାଙ୍କ ୟୁରୋପର ଆଲପସ ପର୍ବତମାଳାରେ ବିମାନ ଦୁର୍ଘଟଣାରେ ମୃତ୍ୟୁକୁ ଲୋକେ ସହଜରେ ଗ୍ରହଣ କରିପାରିନଥିଲେ । କେହି କେହି ଶାସ୍ତ୍ରିଜୀଙ୍କ ହତ୍ୟା ପାଇଁ ସୋଭିଏତ୍ ଷଡଯନ୍ତ୍ର ଥିବା କହୁଥିଲା ବେଳେ ଅନ୍ୟ କେହି ଇନ୍ଦିରାଙ୍କ କ୍ଷମତା ଲିପ୍ସା ଯୋଗୁ ଏହା ହୋଇଥିଲା ବୋଲି ଆଜିଯାଏଁ ସନ୍ଦେହ ପ୍ରକାଶ କରିଆସିଛନ୍ତି । ଋଷିଆର ଗୁପ୍ତଚର ସଂସ୍ଥା କେଜିବି ମାଧ୍ୟମରେ ଇନ୍ଦିରା ଶାସ୍ତ୍ରିଜୀଙ୍କୁ ହତ୍ୟା କରିଥିବା ଅନେକଙ୍କ ମନରେ ବସା ବାନ୍ଧିଥିଲା । ହେଲେ ଭାବାଙ୍କ ବିମାନ ଦୁର୍ଘଟଣାକୁ ବିଦେଶୀ ଷଡଯନ୍ତ୍ର ଭାବେ ପ୍ରଥମରୁ ଲୋକେ ସନ୍ଦେହ କରିଆସିଛନ୍ତି । କିନ୍ତୁ ସିଆଇଏର ଜଣେ ପୁରୁଣା ଅଧିକାରୀ ରୋବର୍ଟ ଟି.କ୍ରଲେଙ୍କ ସାକ୍ଷାତକାର ଆଧାରରେ ଲିଖିତ ପୁସ୍ତକରେ ଏହି ଦୁଇଟି ହତ୍ୟା ପଛରେ ସିଆଇଏର ଭୂମିକା ଥିବା ଉଲ୍ଲେଖ ରହିଛି ।

ଆମେରିକାର ଗୁପ୍ତଚର ସଂସ୍ଥା ସିଆଇଏ ଅପରେସନ ଦାୟିତ୍ୱରେ ଥିଲେ ସେକେଣ୍ଡ କମାଣ୍ଡ ରବର୍ଟ କ୍ରଲେ । ତାଙ୍କ ସହ ସାକ୍ଷାତ କରିଥିବା ଗ୍ରେଗୋରୀ ଡଗଲାସ କ୍ରଲେଙ୍କ ପ୍ରଦତ୍ତ ସାକ୍ଷାତକାରକୁ ସଂକଳିତ କରି 'କନ୍‌ଭରସେସନ ୱିଥ୍ କ୍ରୋ' ଶୀର୍ଷକ ଏକ ପୁସ୍ତକ ପ୍ରସ୍ତୁତ କରିଛନ୍ତି । ସେହି ପୁସ୍ତକରେ ଅତୀତରେ ସିଆଇଏ ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ଯେପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ସେ ସଂପର୍କରେ ଘଟଣାର ଉଲ୍ଲେଖ ରହିଛି । ଆମେରିକାର ଶତ୍ରୁ ଋଷିଆର ନିକଟ ସଂପର୍କରେ ଥିବା ଭାରତ ବିରୁଦ୍ଧରେ ସିଆଇଏ ଯେଉଁ ଅପରେସନ କରିଥିଲା ସେ ବିଷୟରେ କ୍ରଲେ ବର୍ଣ୍ଣନା କରିଛନ୍ତି । ପାକିସ୍ଥାନକୁ ନିଜ ବନ୍ଧୁରାଷ୍ଟ୍ର ଭାବେ ଗ୍ରହଣ କରିଥିବା ଆମେରିକା ଗତ ଶତାବ୍ଦୀର ସତୁରୀ ଦଶକରେ କିପରି ଭାରତର ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀ ଏବଂ ପରମାଣୁ ଗବେଷଣା କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ହୋମି ଜାହାଙ୍ଗୀର ଭାବାଙ୍କୁ ମାତ୍ର ଦୁଇ ସପ୍ତାହ ମଧ୍ୟରେ ଦୁଇଟି ଭିନ୍ନ ଭିନ୍ନ ରାଷ୍ଟ୍ରରେ ହତ୍ୟା କରିଥିଲା ସେ ବିଷୟରେ କ୍ରୋ ଉଲ୍ଲେଖ କରିଛନ୍ତି । ବିଶ୍ୱରେ ପରମାଣୁର ଗବେଷଣାକୁ ନିରୁତ୍ସାହିତ କରିବା ଲାଗି ମିଥ୍ୟା ଅଭିଯୋଗ କ୍ୟୁବାର ଫିଡେଲ କାଷ୍ଟ୍ରୋ, ମିଶରର ଗଦାଫି, ଇରାକର ରାଷ୍ଟ୍ରପତି ସଦାମ୍ ହୁସେନଙ୍କ ବିରୋଧରେ ଆଣି ଅସ୍ଥିରତା ସୃଷ୍ଟି କରିଥିଲେ ମଧ ଆମେରିକାର କୌଣସି ଅଭିଯୋଗ ପରବର୍ତ୍ତୀ କାଳରେ ପ୍ରମାଣିତ ହୋଇପାରିନାହିଁ । ଏପରିକି ଯେଉଁ ପରମାଣୁ ବୋମା ନିର୍ମାଣ ପାଇଁ ସଦାମ ହୁସେନଙ୍କ ବିରୁଦ୍ଧରେ ଆମେରିକା ଯୁଦ୍ଧ ଘୋଷଣା କରି ଇରାକକୁ ଦୁଇ ଦଶନ୍ଧିରୁ ଅଧିକ କାଳ ପର୍ଯ୍ୟନ୍ତ ରାଜନୈତିକ ଅସ୍ଥିରତା ଓ ସନ୍ତ୍ରାସ ମଧ୍ୟକୁ ଠେଲିଦେଇ ସଦାମଙ୍କୁ ହତ୍ୟାକଲା ତାହା ମିଥ୍ୟା ଆଧାରିତ ଥିଲା ବୋଲି ପରେ ସ୍ପଷ୍ଟ ହେଲା । ଆମେରିକା ମିଛରେ ମିଛରେ ସଦାମଙ୍କୁ ହତ୍ୟା କରିଥିବା ବିଷୟ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ପରବର୍ତ୍ତୀ ସମୟରେ ନିଜେ ସ୍ୱୀକାର କରିଥିଲେ । ସେହି କ୍ରମରେ ଅନ୍ୟ କୌଣସି ରାଷ୍ଟ୍ର ଯେପରି ପରମାଣୁ ଶକ୍ତି ସଂପନ୍ନ ନ ହେଉ ଆମେରିକା ମୂଳରୁ ତାହା ଚାହିଁ ଆସିଛି । ତେଣୁ ସେହି ଲକ୍ଷ୍ୟରେ କ୍ୟୁବା, ଭାରତ, ଇରାନ, ଇରାକ ଆଦି ରାଷ୍ଟ୍ରକୁ ଟାର୍ଗେଟରେ ରଖି ଆସିଛି ଆମେରିକା । ଆପଣାର ଆଧିପତ୍ୟ ଓ ସ୍ୱାର୍ଥପାଇଁ ବିଶ୍ୱର ଅନେକ ରାଷ୍ଟ୍ରରେ ଅଯଥାରେ ଅସ୍ଥିରତା ସୃଷ୍ଟି କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଯୁଦ୍ଧ ନିଜେ ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଲଢ଼ିଛି, ଯୁଦ୍ଧର କାରଣ ମଧ ହୋଇଛି । ଏହି ଅସ୍ଥିରତାକୁ କାଏମ ରଖିପାରିଲେ ଅସ୍ତ୍ରବଜାର ଗରମ ରହିବା ସହ ଗୁଳିଗୋଳା,କ୍ଷେପଣାସ୍ତ୍ର,ଯୁଦ୍ଧବିମାନ ବିକ୍ରିର ବଜାର ବଢ଼ିବ ଏବଂ ସେହି ବଜାରରୁ ଆମେରିକା ଲାଭ ପରେ ଲାଭ କରିଚାଲିବ; ଏହି ଲକ୍ଷ୍ୟରେ ଆରମ୍ଭରୁ ଆଜିଯାଏ ଆମେରିକା ନିଜ ଉଦ୍ଦେଶ୍ୟ ସାଧନ ଲାଗି କାର୍ଯ୍ୟ କରିଆସିଛି ।

ଏକଥା ସତ ଯେ ସ୍ୱାଧୀନତା ପରେ ପାକିସ୍ଥାନ ଆମେରିକା କ୍ୟାମ୍ପରେ ରହି ୧୯୫୪ରେ ସେନାବାହିନୀର ଆଧୁନିକୀକରଣ ପାଇଁ ନୂଆ ଅସ୍ତ୍ର କ୍ରୟ ପାଇଁ ଚୁକ୍ତି କରି ୧୯୬୦ ସୁଦ୍ଧା ଯୁଦ୍ଧାସ୍ତ୍ର ଲାଭ କରି ସାରିଥିଲା । ୧୯୬୨ରେ ଚୀନ-ଭାରତ ଯୁଦ୍ଧର ପରିଣାମ ପାକ୍ ସରକାରଙ୍କୁ ଭାରତ ଉପରେ ଆକ୍ରମଣ କରିବା ପାଇଁ ପ୍ରୋତ୍ସାହିତ କରିଥିଲା । ୧୯୬୪ରେ ନେହେରୁଙ୍କ ମୃତ୍ୟୁ ହୋଇ ସାରିଥିବାରୁ ଲାଲବାହାଦୂରଙ୍କୁ ପାକ୍-ସରକାର ଜଣେ ଶକ୍ତିଶାଳୀ ନେତା ବୋଲି ଗ୍ରହଣ କରୁନଥିଲେ । ଭାରତ ଉପରେ ସଣ୍ଢୁଆସୀ ଆକ୍ରମଣ କଲେ ଅଳ୍ପ ଦିନରେ ଭାରତ ପଛକୁ ହଟିବ ବୋଲି ପାକ୍ ରାଷ୍ଟ୍ରପତି ଆୟୁବ ଖାଁ ଭାବିଥିଲେ । ଏପଟେ ପାକ୍ - ଆମେରିକା-ଚୀନ ଗୋଟିଏ ଗୋଷ୍ଠୀରେ ଥିଲାବେଳେ ଭାରତ ସୋଭିଏତ ସରକାରଠାରୁ ଯାହା କିଛି ପୁରୁଣା ହତିଆର ସହ ବ୍ରିଟେନ ସେନା ଛାଡିଯାଇଥିବା ଅସ୍ତ୍ରଶସ୍ତ୍ରକୁ ଆଧାର କରି ଚଳିଥିଲା ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## କପି ଦ୍ୱଜ ରଥ କେନ୍ଦ୍ରାପଡ଼ାରେ ଉଦ୍ଘାଟନ



କେନ୍ଦ୍ରାପଡ଼ା, (ମହାଭାରତ) : କେନ୍ଦ୍ରାପଡ଼ା ପୌରପାଳିକା ଅନ୍ତର୍ଗତ ୦୬ନଂ ୱାର୍ଡର ସାନ୍ତସାହି ପୋଲ ନିକଟରେ ଏକ ବିଜୟ ରଥକୁ ପୌର ଅଧକ୍ଷା ସରିତା ସାହୁ ନେତୃତ୍ୱରେ କେନ୍ଦ୍ରାପଡ଼ା ବିଧାୟକ ଶ୍ରୀ ଗଣେଶ୍ୱର ବେହେରା, ଜିଲ୍ଲାପାଳ ରଘୁରାମ ଆର.ଆୟର, ସାଂସଦଙ୍କ ପ୍ରତିନିଧି ପୌର ନିର୍ବାହୀ ଅଧିକାରୀ ଅଜିତ୍ ନାରାୟଣ ପ୍ରସାଦ ଗିରି ଓ ସମସ୍ତ ପୌର ପରିଷଦର ସଭ୍ୟ ଓ ସଭ୍ୟା ମାନଙ୍କ ଉପସ୍ଥିତିରେ ଶୁଭ ଉଦ୍ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି।

## ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଯୋଜନା..

ଦେବଗଡ଼, (ମହାଭାରତ) : ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ରେ ଦେବଗଡ଼ ଜିଲ୍ଲାର ତିନି ବ୍ଲକ ଓ ଗୋଟିଏ ପୌରାଞ୍ଚଳର ୧୦ ମହିଳା ଓ ୧୭ ଜଣ ପୁରୁଷ ସମୁଦାୟ ୨୭ ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ବାରଣାସୀ ଯାତ୍ରା କରିଛନ୍ତି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ନିକଟରେ ଗୋଟିଏ ବସ ରେ ଯାତ୍ରା କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ , ଜିଲ୍ଲା ପ୍ରଜ୍ୟଟନ ଅଧିକାରୀ ତଥା ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ସହକାରୀ ଜିଲ୍ଲାପାଳ ତାପସ କୁମାର ମହନ୍ତ ଓ ସାମ୍ବାଦିକ ସିଦ୍ଧାର୍ଥ ଗୁରୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବରିଷ୍ଠ ନାଗରିକ ସହିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସାମିଲ ହୋଇଥିଲେ । ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡ଼ାକ୍ତରମାନେ ବରିଷ୍ଠ ନାଗରିକ ମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । କାର୍ଯ୍ୟକ୍ରମ ରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା କାଲି ବରିଷ୍ଠ ନାଗରିକ ମାନେ ଟ୍ରେନ ଯୋଗେ ସମ୍ବଲପୁରରୁ ଅଯୋଧ୍ୟା ଓ ବାରଣାସୀ ଗ୍ରସ୍ତ କରିବେ ।

## ପ୍ରୀତିରଞ୍ଜନଙ୍କ ଜନ୍ମ ଦିନ ପାଳିଲେ ଶୁଭେଚ୍ଛୁ



ଦାନଗଦି, (ମହାଭାରତ) : ପୂର୍ବତନ ବିଧାୟକ ପ୍ରିତିରଞ୍ଜୀନ ଙ୍କ ଜନ୍ମ ଦିନ ଅବସରରେ ଦାନଗଦି ବ୍ଲକ ର ସମସ୍ତ ଆଗଧାଡିର କର୍ମୀ ମାନେ ଜନ୍ମଦିନ ପାଳନ କରିଛନ୍ତି। ପ୍ରଥମେ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଶୁଖିଲା ଖାଦ୍ୟ ଫଳ ବଣ୍ଟନ ପରେ ଦାନଗଦି ବଗେଇ ଶିବ ମନ୍ଦିର ରେ ସମସ୍ତ କର୍ମୀ ପହଞ୍ଚି ପୁଜାଚର୍ଣା କରି ମହାଦେବ ଙ୍କ କୃପା ଲାଭ କରିଥିଲେ ପରେ ନୂଆଗାଁ ରେ ଥିବା ଅନ୍ନପୂର୍ଣ୍ଣା ଚାଇଲ୍ଡ କେୟାର ପହଞ୍ଚି ଶୁଖିଲା ଖାଦ୍ୟ ବଣ୍ଟନ ସହ କେକ୍ କାଟି ସଭିଏଁ ଖୁସିମାନାଇଥିଲେ ପ୍ରୀତିରଞ୍ଜୀନଙ୍କ ଜନ୍ମଦିନ ପାଳନକାରୀ ପ୍ରୀତିଙ୍କ ଦୀର୍ଘାୟୁ କାମନା କରିଥିଲେ କର୍ମୀ ଆଜିର ପ୍ରିତିରଞ୍ଜୀନ ଙ୍କ ଜନ୍ମଦିନ ଅବସରରେ ଆଜିର ଦିନ ସମସ୍ତ ବିଜେଡି ଆଗଧାଡିର କର୍ମୀ ମିଳିମିଶି ମହା ଆଡ଼ମ୍ବରରେ ପାଳନକରଜାଇଥିଲା।।

## ୩୨ ତମ ଆଦିବାସୀ ନାଟକ ପ୍ରତିଯୋଗିତା ଉଦଯାପିତ



କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଭରାଣ୍ଡିହା ଗ୍ରାମପଞ୍ଚାୟତ କଲେଜଯାଉ ଗ୍ରାମ ଠାରେ ବିଦୁବାଗାନ କ୍ଲବ କଲେଜଯାଉ ଦ୍ୱାରା ଅନୁଷ୍ଠିତ ୩୨ ତମ ନାଟକ ପ୍ରତିଯୋଗିତା ଗତ ଶନିବାର ଦିନ ସନ୍ଧ୍ୟାରେ ଉଦଘାଟନ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଭରାଣ୍ଡିଆ ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରତିନିଧି ଶ୍ରୀକାନ୍ତ ଗୁମୁଲିଆ ଓ ସମିତି ସଭ୍ୟଙ୍କ ପ୍ରତିନିଧି ଟୁକୁନା ବନପଦିଆ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ କ୍ଷ ଦୁଇଦିନ ଧରି ଚାଲିଥିବା ଏହି ନାଟକ ପ୍ରତିଯୋଗିତା ରେ ଯାଜପୁର , କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରୁ ୧୪ ଗୋଟି ଦଳ ଅଂଶଗ୍ରହଣ କରିଥିଲେ କ୍ଷ ସେଥି ମଧ୍ୟରୁ ୬ ଗୋଟି ନାଟକ ଦଳ କୁ ବଛା ଜାଇ ପୁରସ୍କୃତ କରାଯାଇଥିଲା କ୍ଷ ପ୍ରଥମ ପୁରସ୍କାର ହିସାବରେ ପଣ୍ଡିତ ରଘୁନାଥ ମୁର୍ମୁ ଡ୍ରାମାଟିକ କ୍ଲବ ବରାଙ୍ଗ ଅଧିକାର କରିଥିଲାବେଳେ ଦ୍ୱିତୀୟ ପୁରସ୍କାର ପାଇଁ ଜାନାମ ଆୟ ଦୁଲାଳ କ୍ଲବ ମନୋନୀତ ହୋଇଥିଲ। ସେହିପରି ଯଥାକ୍ରମେ ଚମ୍ପାଝର ର ଜଡ଼ିପଦା ଭଞ୍ଜ ବାରାବାରି ଖାଟ ନାଟକ ପାଟି ସେଲାଇପୁଖରୀ , ଝାଳବେଡା ଡ୍ରାମାଟିକ କ୍ଲବ ପଞ୍ଚମ ଜାହେର ଆୟ ଏଭେନ ସେମଲେଦ ଖୁକୁନ୍ଦ ଓ ଷଷ୍ଠ ପୁରସ୍କାର ପାଇଁ ଜାନାମ ଆୟ ଏଭେନ ସେମଲେଦ ମନହରପୁର ନାଟକ ପାଟି କୁ ପୁରସ୍କାର ପ୍ରଦାନ କରାଯାଇଥିଲା କ୍ଷ ସେହେପରି ଆଦିବାସୀ ନାଟକ ବହି ର ଶ୍ରେଷ୍ଠ ଲେଖକ ଚୈତନ୍ୟ ମୁର୍ମୁ , ଶ୍ରେଷ୍ଠ ଅଭିନେତା ଭାବେ କ୍ଷେତ୍ର କାଲୁଣ୍ଡିଆ , ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଅର୍ଜୁନ ଟୁଡୁ , ଶ୍ରେଷ୍ଠ ଖଳ ଅଭିନେତା ଭାବେ ନୂନା ମୁର୍ମୁ , ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବେ ମୋହନ ମାର୍ଣ୍ଡି ଓ ଶ୍ରେଷ୍ଠ ଚରିତ୍ର ଅଭିନେତା ଭାବେ ଜୁଝାର ଟୁଡୁ ଙ୍କୁ ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା କ୍ଷ ନାଟକ ପ୍ରତିଯୋଗିତା ପରେ କମିଟି ସଦସ୍ୟ ବସନ୍ତ କୁମାର ସୋରେନ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ପୁରସ୍କାର ବିତରଣି ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ମାଝୀ ବାବା ଜୁନାରାମ ଟୁଡୁ ସମ୍ମାନୀୟ ଅତିଥି ଭାବେ ଠାକୁରମୁଣ୍ଡା ସରପଞ୍ଚ ସୁଜିତ କୁମାର ଲୁଗୁନ , ଘାଟ ପାର୍ଗନା ଦଶରଥ ସୋରେନ ଓ ପୂର୍ବତନ ସରପଞ୍ଚ ଅଭିନାଶ ଟୁଡୁ ପ୍ରମୁଖ ଯୋଗଦେଇ ବିଜେତା ନାଟକ ଦଳ ଗୁଡିକୁ ପୁରସ୍କାର ପ୍ରଦାନ କରିଥିଲେ କ୍ଷ ଶେଷରେ କମିଟି ସଭାପତି ଶତ୍ରୁଘ୍ନ ଟୁଡୁ ସମସ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଢେଙ୍କାନାଳ ଜରଡ଼ାରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ



କଙ୍କଡ଼ାହାଡ, (ମହାଭାରତ) : ଧନଦାତ୍ରୀ ମା ଗଜଲକ୍ଷ୍ମୀ ଙ୍କ ପୂଜା ପାଇଁ ଢେଙ୍କାନାଳ ଜିଲ୍ଲା ପ୍ରସିଦ୍ଧ ଲାଭ କରିଥିବା ବେଳେ ଜିଲ୍ଲା ର ବିଭିନ୍ନ ଅଞ୍ଚଳରେ ଗାଁ ଗଣ୍ଡା ମାନଙ୍କରେ ମଧ୍ୟ ପାଳିତ ହେଉଛି ମା' ଙ୍କ ପୂଜା।ସେହିପରି ଏହି ଜିଲ୍ଲାର ଗଡ଼ପଳାଶୁଣୀ ପଞ୍ଚାୟତ ଅନ୍ତର୍ଗତ ଜରଡ଼ା ଗ୍ରାମ ରେ ବହୁ ଧୂମଧାମ ରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୁଇଯାଇଛି।ଶନିବାର କୁମାର ପୂର୍ଣ୍ଣମା ଅବସରରେ ଆରମ୍ଭ ହୁଇଥିବା ମା ଙ୍କ ପୂଜା ଦୀର୍ଘ ସାତ ଦିନ ସହ ସଂସ୍କୃତିକ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହେବ।ସେହିପରି ଗ୍ରାମର ପୁଖରୀ ନିକଟରେ ପଣ୍ଡିତ ନିତ୍ୟାନନ୍ଦ ପଣ୍ଡା ଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ପୂଜାରେ ବୈଦିକ ରୀତିନୀତି ଅନୁସାରେ କଳସ ସ୍ଥାପନ କରି ସଂକଳ୍ପ କରାଯିବା ପରେ ସୂର୍ଯ୍ୟ ପୂଜା, ଗଙ୍ଗା ଆବାହକ ପୂଜା ସହ ଗଙ୍ଗା ଆଳତୀ ସମ୍ପର୍ଣ ପରେ ପୋଖରୀ ପରିସରରୁ ଏକ ବଡ ପଟୁଆରରେ ପାରମ୍ପରିକ ବାଦ୍ୟ ସହ କଳସ ଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ଗ୍ରାମରେ ଥିବା ପୂଜା ମଣ୍ଡପ ଠାରେ ପହଞ୍ଚିଥିଲେ। ପରେ ମଣ୍ଡପ ସୁଦ୍ଧି, ମଣ୍ଡଳ କରଣ, ଅଧିବାସ ଓ ଅଙ୍କୁରା ରୋପଣ ଆଦି କାର୍ଯ୍ୟକ୍ରମ କରାଯିବା ପରେ ପୂଜା କାର୍ଯ୍ୟ ଆରମ୍ଭ କରାଯାଇଥିଲା। । ପୂଜା କମିଟି ର ସମସ୍ତ ସଦସ୍ୟ ଉପସ୍ଥିତ ରହି ପୂଜାକାର୍ଯ୍ୟ ପରିଚାଳନା ଏବଂ ସହଯୋଗ କରିଥିଲେ।

## ଯୁବ ଆଦର୍ଶ ସମାଜସେବୀ ରାକେଶ ପଟ୍ଟନାୟକଙ୍କ ଜନ୍ମ ଦିନ ସମାରୋହରେ ପାଳିତ




ପାରାଦୀପ, (ମହାଭାରତ) : ପାରାଦୀପ ଯୁବକଙ୍କ ଆଦର୍ଶ, ସମାଜସେବୀ ତଥା ସାମ୍ବାଦିକ ରାକେଶ କୁମାର ପଟ୍ଟନାୟକ (ରାକା) ଙ୍କ ୪୭ତମ ଜନ୍ମ ଦିବସ ସୋମବାର କୁମାର ପୂର୍ଣ୍ଣମା ଦିନ ପାରାଦୀପର ବିଭିନ୍ନ ଅନୁଷ୍ଠାନ, ସଂଗଠନ ଓ ଯୁବକ ମାନଙ୍କ ଦ୍ୱାରା ଉତ୍ସାହ ଉଦ୍ଦୀପନା ସହ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ମାନେ ପରମ୍ପରା ଅନୁଯାୟୀ ସିନେମା ହଲ ନିକଟସ୍ଥ ପଡିଆରେ ରାକେଶଙ୍କ ଜନ୍ମ ଦିନରେ କେକ୍ କାଟି ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ନିରାମୟ ଜୀବନ କାମନା କରିଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ରବିନ୍ଦ୍ର ଜେନା, ନାରାୟଣ ବେହେରା, ସୁଧାଂଶୁ ନାୟକ,ସଞ୍ଜୟ ମିଶ୍ର, ସନ୍ତୋଷ ଭାରତୀ, ପ୍ରଶାନ୍ତ ସ୍ୱାଇଁ, ରଶ୍ମିରଂଜନ ରାଉତରାୟ, ଲାଲା ବିନୟ ରାୟ,ବିବେକାନନ୍ଦ ରାଉତ,ତ୍ରିଲୋଚନ ମହାପାତ୍ର, ପ୍ରଶାନ୍ତ ରାଉତ, ସୁଦର୍ଶନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ରାକେଶ ଙ୍କୁ କେକ୍ ଖୁଆଇ ତାଙ୍କ ଜନ୍ମ ଦିନର ଶୁଭେଚ୍ଛା ଜଣାଇଥିଲେ । ସୂଚନାଥାଉକି, ରାକେଶ ଜଣେ ମିଷ୍ଟଭାଷୀ, ବନ୍ଧୁବତ୍ସଳ, ପରୋପକାରୀ,ଦକ୍ଷ ସଂଗଠକ ଭାବେ ବେସ ପରିଚିତ ଏବଂ ପାରାଦୀପ ଯୁବ ସମାଜ ପାଇଁ ଆଦର୍ଶ ପାଲଟିଛନ୍ତି । ତେବେ ତାଙ୍କର ସୁଖ୍ୟାତିରେ ଈର୍ଷାନ୍ୱିତ ହୋଇ ଅତୀତରେ ନିର୍ଦ୍ଦିଷ୍ଟ କିଛି ଅସାଧୁ ଓ ଅପରାଧିକ କାର୍ଯ୍ୟକଳାପରେ ଜଡିତ ବ୍ୟକ୍ତି ତାଙ୍କୁ ମିଥ୍ୟା ଅଭିଯୋଗରେ ଜେଲ ପଠାଇଥିବା ନଜିର ରହିଛି । ତେବେ ଏଥିରେ ବିଚଳିତ ନହୋଇ ରାକେଶ ଦୃଢତାର ସହିତ ନିଜ କାର୍ଯ୍ୟ କ୍ଷେତ୍ରରେ ଅଗ୍ରସର ହୋଇ ସାରା ପାରାଦୀପ ଅଞ୍ଚଳରେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି ।

## ସ୍ୱାମୀ ତଣ୍ଟିଚିପି ହତ୍ୟାକାରୀ ସ୍ତ୍ରୀ ଓ ପ୍ରେମିକକୁ କୋର୍ଟ ଚାଲାଣ

ପାଟଣା, (ମହାଭାରତ): ସ୍ୱାମୀ କୁ ରାସ୍ତା ରୁ ହଟାଇ ଦେବାକୁ ସ୍ତ୍ରୀ- ପ୍ରେମିକ ମିଶି ରଚି ଥିଲେ ଷଡଯନ୍ତ୍ର ଆଉ କାଳ ରାତ୍ରି ତାହା ହୋଇ ସମ୍ଭବ ପ୍ରେମିକ ସହ ମିଶି ସ୍ୱାମୀ ତଣ୍ଟିଚିପି ହତ୍ୟା କଲା ସ୍ତ୍ରୀ । ଏପରି ଘଟଣା ର ପାଟଣା ପୋଲିସ ଖୋଲାସା କରି ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କେନ୍ଦୁଝର ଜିଲ୍ଲା ପାଟଣା ଥାନା ସାହାରପଡ଼ା ଫାଣ୍ଡି କଲେଜ ରାସ୍ତାକଡ଼ ରୁ ଗତ ୨୯ତାରିଖ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଜଡ଼ିବିଲ ଗ୍ରାମର ବିରଞ୍ଚି ନାରାୟଣ ମହାନ୍ତ ଙ୍କ ମୃତଦେହ ପୋଲିସ ଜବତ କରିଥିଲା। ଘଟଣାର ୯ଦିନ ପରେ ପୋଲିସ ଚାନବିନ୍ କଲାପରେ ଘଟଣାର ଖୋଲାସା କରିଛି। ବିରଞ୍ଚି ନାରାୟଣ ମହାନ୍ତ ସ୍ତ୍ରୀ ପ୍ରେମିକ ସହ ମିଶି ତଣ୍ଟିଚିପି ହତ୍ୟା କରିବା ପରେ ରାସ୍ତା କଡ଼ରେ ସ୍ୱାମୀ ର ମୃତ୍ୟୁ ଦେହ କୁ ଫିଙ୍ଗି ଦେଇଥିବା ଦୁହେଁ ସ୍ୱିକାର କରିଥିବା ଘଟଗାଁ ଏଡିପିଓ ବିଜୟକୃଷ୍ଣ ମହାପାତ୍ର,ପାଟଣା ଥାନା ଅଧିକାରୀ ମାନସ ମହାକୁଲ, ଅତିରିକ୍ତ ଥାନା ଅଧିକାରୀ ଲକ୍ଷ୍ମଣ ମାଝୀ,ସାହାରପଡ଼ା ଫାଣ୍ଡି ଅଧିକାରୀ ପ୍ରାଉ ଓରାମ୍ ଙ୍କ ଉପସ୍ଥିତି ରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଛନ୍ତି । ଏହି ହତ୍ୟା ମାମଲା ପାଟଣା ଥାନା କେଶ୍ ନଂ ୨୮ ରେ ସ୍ତ୍ରୀ ବର୍ଷାରାଣୀ ମହାନ୍ତ ଓ ପ୍ରେମିକ ପୁରେନ୍ଦ୍ର ମହାକୁଡ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ବୋମା ମାଡ: ସହରବାସୀ ଆତଙ୍କିତ

ଆସିକା, (ମହାଭାରତ): ଆସିକା ଏନ ଏ ସି ୱାର୍ଡ ନମ୍ବର ୦୮ ଅନ୍ତର୍ଗତ ସୁନାମ୍ବ ନୃସିଂହ ମନ୍ଦିର ନିକଟରେ ବୋମା ମାଡ଼ରେ ଆହତ ସ୍ଥାନୀୟ ବାସିନ୍ଦା।ଆତଙ୍କିତ ସାହି ବାସିନ୍ଦା କ୍ଷ ଗତକାଲି ବ୍ରହ୍ମପୁର ଠାରେ ବରିଷ୍ଠ ଆଇନ ଜିବି ପୀତବାସ ପଣ୍ଡାଙ୍କୁ ଅଜଣା ହେଲମେଟ ପିନ୍ଧା ଦୁର୍ବୃର୍ତ୍ତ ଗୁଳି କରି ହତ୍ୟା କରିଥିଲା ବେଳେ ଅନୁରୂପ ରାତ୍ର ୦୮ ଘଣ୍ଟ ସମୟରେ ଜନଗହଳି ପୂର୍ଣ୍ଣ ଆସିକା ସୁନମ୍ବ ସାହି ନୃସିଂହ ମନ୍ଦିର ନିକଟରେ ବାଇକରେ ହେଲମେଟ ପିନ୍ଧି ଅଜଣା ଦୁର୍ବୃତ୍ତ ବୋମା ମାଡ଼ କରି କେହି କିଛି ବୁଝିବା ପୂର୍ବରୁ ସେଠାରୁ ଫେରାର ହୋଇ ଯାଇଥିଲେ। ଆସିକା ବାସୀ ବର୍ତମାନ ଆତଙ୍କିତ ଅବସ୍ଥାରେ ଅଛନ୍ତି।ଖବର ପାଇ ଆସିକା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଏନେଇ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ କୁ ଭିତ୍ତି କରି ଯାଇ ଏକ ଲିଖିତ ଅଭିଯୋଗ କରିଥିଲେ କ୍ଷ ଅଭିଯୋଗ କୁ ଭିତ୍ତି କରି ଆସିକା ଥାନା କେସ ନମ୍ବର ୫୭୬/୨୫ ରେ ଏକ ମାମଲା ରୁଜୁ କରି ଆସିକା ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରୁଛି। ବୋମା ମାଡ଼ର କାରଣ ଅସ୍ପଷ୍ଟ ଥିଲା ବେଳେ ଏହି ଘଟଣା ର ଆସାମୀ କୁ ଅତୀ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ କୁଳ ମଣୀ ସେଠୀ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି ଦିନକୁ ଦିନ ଆସିକା ଥାନା ଇଲକା ଅଶାନ୍ତ ହେବାକୁ ଲାଗିଛି ବୋମାମାଡ, ଲୁଟ, ରାହାଜାନି,ଚୋରା ବନ୍ଧୁକ ବ୍ୟାପାର ବୃଦ୍ଧି ପାଇବାକୁ ଲଗାଇଛି କିନ୍ତୁ ଏହାସତ୍ତ୍ୱେ ପୋଲିସର ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ ଦେଖିବାକୁ ମିଳୁନାହିଁ। ଆତଙ୍କିତ ଅବସ୍ଥାରେ ଅଞ୍ଚଳବାସୀ।ନାମକୁ ମାତ୍ର ପୋଲିସ ମାମଲା ରୁଜୁ କରି ଅପରାଧିଙ୍କ ପତ୍ତା ପାଉନାହିଁ।

## କେନ୍ଦୁଝରରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଅଧୀନରେ ନୂତନ ରୁଟରେ ବସ ସେବାର ହେଲା ଶୁଭାରମ୍ଭ




କେନ୍ଦୁଝର, (ମହାଭାରତ) : ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରି ଯାତ୍ରୀ ମାନଙ୍କୁ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ, କେନ୍ଦୁଝର ଜିଲ୍ଲା ପ୍ରଶାସନ ମୁଖ୍ୟମନ୍ତ୍ରୀ ବସ୍ ସେବା ଅଧୀନରେ ସରକାରୀ ବସ୍ ଷ୍ଟାଣ୍ଡରୁ ଧୋବାଡିଆ ଛକ ଦେଇ ଧରଣୀଧର ମେଡିକାଲ କଲେଜ ଏବଂ ହସ୍ପିଟାଲ ପର୍ଯ୍ୟନ୍ତ ନୂତନ ରୁଟରେ ବସ ସେବା ଆରମ୍ଭ କରିଛି। ଏହି ରୁଟ୍ ଦେଇ ବସସେବା କାର୍ଯ୍ୟକ୍ଷମ ହେବାପରେ ସହର ମଧ୍ୟରେ ପ୍ରମୁଖ ସାର୍ବଜନୀନ ସୁବିଧା କେନ୍ଦ୍ର ଗୁଡିକକୁ ସଂଯୋଗ କରୁଥିବା ଏକ ସୁବିଧାଜନକ ଏବଂ ସୁଲଭ ପରିବହନ ବ୍ୟବସ୍ଥା ସୁନିଶ୍ଚିତ ହୋଇପାରିଛି।

ଏହି ନୂତନ ରୁଟ୍ ସରକାରୀ ବସ୍ ଷ୍ଟାଣ୍ଡ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ , କେନ୍ଦୁଝରଗଡ଼ ରେଳ ଷ୍ଟେସନ, ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ସଂଯୋଗ କରିବ। ଏହି ସେବା ପ୍ରତିଦିନ ସାତଟି ଭିନ୍ନ ଭିନ୍ନ ସମୟରେ ଉପଲବ୍ଧ ହେବ, ଯାହା ଛାତ୍ରଛାତ୍ରୀ, ରୋଗୀ, ସ୍ୱାସ୍ଥ୍ୟସେବା କର୍ମୀ ଏବଂ ସାଧାରଣ ଯାତ୍ରୀମାନଙ୍କ ପାଇଁ ଦିନସାରା ନିୟମିତ ପରିବହନ ସୁବିଧା ସୁନିଶ୍ଚିତ କରିବ।

ଏହି ବସ ସେବା ସାରଣୀ ଅନୁଯାୟୀ, ଦିନର ପ୍ରଥମ ଯାତ୍ରା ସକାଳ ୦୫:୪୫ ରେ ସରକାରୀ ବସ୍ ଷ୍ଟାଣ୍ଡରୁ ଆରମ୍ଭ ହୋଇ ସକାଳ ୦୫:୫୦ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପହଞ୍ଚିବ, ସକାଳ ୦୬:୧୨ ରେ ରେଳ ଷ୍ଟେସନରେ ପହଁଚିବ ଏବଂ ତା'ପରେ ସକାଳ ୦୬:୨୪ରେ ଧରଣୀଧର ମେଡିକାଲ କଲେଜ ଓ ହସପିଟାଲରେ ପହଁଚିବ, ସକାଳ ୦୬:୨୯ରେ ଧରଣୀଧର ବିଶ୍ୱବିଦ୍ୟାଳୟରେ ପହଞ୍ଚିବ, ସକାଳ ୦୬:୪୮ ରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ଓ ସକାଳ ୦୬:୫୮ ରେ ସରକାରୀ ବସ୍ ଷ୍ଟାଣ୍ଡକୁ ଫେରି ଯାତ୍ରା ଶେଷ କରିବ।

ଦ୍ୱିତୀୟ ଯାତ୍ରା ସରକାରୀ ବସ୍ ଷ୍ଟାଣ୍ଡରୁ ସକାଳ ୦୭:୧୫ ରେ ଆରମ୍ଭ ହେବ, ସକାଳ ୦୭:୨୦ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସକାଳ ୦୭:୪୨ରେ ରେଳ ଷ୍ଟେସନ, ସକାଳ ୦୭:୫୪ରେ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ, ସକାଳ ୦୭:୫୯ରେ ଧରଣୀଧର ବିଶ୍ୱବିଦ୍ୟାଳୟ, ସକାଳ ୦୮:୧୮ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଫେରିବ ଏବଂ ସକାଳ ୦୮:୨୮ ରେ ସରକାରୀ ବସ୍ ଷ୍ଟାଣ୍ଡରେ ପହଞ୍ଚିବ। ସେହିପରି, ତୃତୀୟ ଯାତ୍ରା ସରକାରୀ ବସ୍ ଷ୍ଟାଣ୍ଡରୁ ସକାଳ ୦୯:୦୦ ରେ ଆରମ୍ଭ ହେବ, ସକାଳ ୦୯:୦୫ ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସକାଳ ୦୯:୨୭ ରେ ରେଳ ଷ୍ଟେସନ, ସକାଳ ୦୯:୩୯ ରେ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ, ସକାଳ ୦୯:୫୯ ରେ ଧରଣୀଧର ବିଶ୍ୱବିଦ୍ୟାଳୟ, ସକାଳ ୧୦:୦୮ ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଫେରିବ ଏବଂ ସକାଳ ୧୦:୧୮ ରେ ସରକାରୀ ବସ୍ ଷ୍ଟାଣ୍ଡରେ ପହଞ୍ଚିବ। ଚତୁର୍ଥ ଯାତ୍ରା ସରକାରୀ ବସ୍ ଷ୍ଟାଣ୍ଡରୁ ସକାଳ ୧୦:୩୦ ରେ ଆରମ୍ଭ ହେବ, ସକାଳ ୧୦:୩୫ ରେ ଜିଲ୍ଲା ମୁଖ୍ୟ ଚିକସ୍ଥାଳୟ, ସକାଳ ୧୦:୫୭ ରେ ରେଳ ଷ୍ଟେସନ, ସକାଳ ୧୧:୦୯ ରେ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ, ସକାଳ ୧୧:୧୯ ରେ ଧରଣୀଧର ବିଶ୍ୱବିଦ୍ୟାଳୟ, ସକାଳ ୧୧:୩୮ ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଫେରିବ ଏବଂ ସକାଳ ୧୧:୪୮ ରେ ସରକାରୀ ବସ୍ ଷ୍ଟାଣ୍ଡରେ ପହଞ୍ଚିବ। ପଞ୍ଚମ ଯାତ୍ରା ମଧ୍ୟାହ୍ନ ୧୨:୦୦ ଟାରେ ସରକାରୀ ବସ୍ ଷ୍ଟାଣ୍ଡରୁ ଆରମ୍ଭ ହୋଇ ଅପରାହ୍ନ ୧୨:୦୫ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଅପରାହ୍ନ ୧୨:୨୭ରେ ରେଳ ଷ୍ଟେସନ, ଅପରାହ୍ନ ୧୨:୩୯ ଟାରେ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ, ଅପରାହ୍ନ ୧୨:୪୯ରେ ଧରଣୀଧର ବିଶ୍ୱବିଦ୍ୟାଳୟ, ଅପରାହ୍ନ ୧:୦୮ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତ୍ୟାବର୍ତ୍ତନ କରି ଅପରାହ୍ନ ୧:୧୮ରେ ବସ୍ ଷ୍ଟାଣ୍ଡରେ ଯାତ୍ରା ଶେଷ କରିବ। ଏହା ପରେ, ଷଷ୍ଠ ଯାତ୍ରା ଅପରାହ୍ନ ୦୧:୪୫ରେ ସରକାରୀ ବସ୍ ଷ୍ଟାଣ୍ଡରୁ ଆରମ୍ଭ ହୋଇ ଅପରାହ୍ନ ୦୧:୫୦ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଅପରାହ୍ନ ୦୨:୧୨ରେ ରେଳ ଷ୍ଟେସନ, ଅପରାହ୍ନ ୦୨:୨୪ରେ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ, ଅପରାହ୍ନ ୦୨:୩୪ରେ ଧରଣୀଧର ବିଶ୍ୱବିଦ୍ୟାଳୟ, ଅପରାହ୍ନ ୦୨:୫୩ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତ୍ୟାବର୍ତ୍ତନ କରି ଅପରାହ୍ନ ୦୩:୦୩ ରେ ବସ୍ ଷ୍ଟାଣ୍ଡରେ ଯାତ୍ରା ଶେଷ କରିବ। ଦିନର ସପ୍ତମ ଏବଂ ଶେଷ ଯାତ୍ରା ଅପରାହ୍ନ ୦୩:୧୦ରେ ସରକାରୀ ବସ୍ ଷ୍ଟାଣ୍ଡରୁ ଆରମ୍ଭ ହୋଇ ଅପରାହ୍ନ ୦୩:୧୫ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଅପରାହ୍ନ ୦୩:୩୭ରେ ରେଳ ଷ୍ଟେସନ, ଅପରାହ୍ନ ୦୩:୪୯ ଟାରେ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ, ଅପରାହ୍ନ ୦୩:୫୯ରେ ଧରଣୀଧର ବିଶ୍ୱବିଦ୍ୟାଳୟ, ଅପରାହ୍ନ ୦୪:୧୮ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତ୍ୟାବର୍ତ୍ତନ କରି ଅପରାହ୍ନ ୦୪:୨୮ରେ ବସ୍ ଷ୍ଟାଣ୍ଡରେ ଯାତ୍ରା ଶେଷ କରିବ।

ଏହି ଅବସରରେ ଜିଲ୍ଲା ପ୍ରଶାସନର ଅଧିକାରୀମାନେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ବସ୍ ସେବା ଅଧୀନରେ ଏହି ପଦକ୍ଷେପ ରାଜ୍ୟ ସରକାରଙ୍କର ସାଧାରଣ ପରିବହନ ସୁବିଧା ବୃଦ୍ଧି, ଟ୍ରାଫିକ ଭିଡ଼ ହ୍ରାସ ଏବଂ କେନ୍ଦୁଝରର ବାସିନ୍ଦାଙ୍କ ପାଇଁ ସୁଲଭ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ନିରନ୍ତର ପ୍ରୟାସର ଏକ ଅଂଶ। ନୂତନ ରୁଟ୍ ଡିଡି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲକୁ ଆସୁଥିବା ରୋଗୀ ଏବଂ ରେଳ ଷ୍ଟେସନକୁ ଯାତାୟାତ କରୁଥିବା ଦୈନିକ ଯାତ୍ରୀମାନଙ୍କ ପାଇଁ ବିଶେଷ ଭାବରେ ଲାଭଦାୟକ ହେବ। ଏହି ଶୁଭାରମ୍ଭ ସହିତ, କେନ୍ଦୁଝର ରାଜ୍ୟ ସରକାରଙ୍କ ସମସ୍ତଙ୍କ ପାଇଁ ସୁଲଭ ପରିବହନ ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଆଉ ଏକ ପଦକ୍ଷେପ ନେଇଛି, ଯାହା ଜିଲ୍ଲା ପ୍ରଶାସନର ଅନ୍ତର୍ଭୁକ୍ତିମୂଳକ, ନିର୍ଭରଯୋଗ୍ୟ ଏବଂ ଲୋକ-କେନ୍ଦ୍ରିକ ସାର୍ବଜନୀନ ସେବା ପ୍ରଦାନ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି।

## ବନ୍ତଳାରୁ ଚୋରି ଲୁହାଛଡ଼ ବୋଝେଇ ଟ୍ରକ୍ ଦେବଗଡ଼ରୁ ଉଦ୍ଧାର, ଚାଳକ ଗିରଫ

ଅନୁଗୁଳ, (ମହାଭାରତ) : ବନ୍ତଳା ଛକ ନିକଟରୁ ଏକ ଲୁହାଛଡ଼ ବୋଝେଇ ଟ୍ରକ୍ (ଓଡି-୦୫ ଜେଡ୍-୦୪୭୨) ଗତ ୨୮ ତାରିଖ ରାତିରେ ଚୋରି ହୋଇଥିଲା । ଏ ସମ୍ପର୍କରେ ବନ୍ତଳା ଥାନାରେ ଅଭିଯୋଗ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ କରିଥିଲା। ତେବେ ଏହି ଚୋରିରେ ଟ୍ରକ୍ ଚାଳକ ମାଷ୍ଟର୍?ମାଇଣ୍ଡ ସାଜିଥିବା ବେଳେ ୩ରୁ ଅଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ପୁଲିସ କହିଛି । ଦେବଗଡ଼ରୁ ଚୋରି ଟ୍ରକ୍ ଉଦ୍ଧାର ହେବା ସହିତ ଆଜି ସମ୍ପୃକ୍ତ ଟ୍ରକ୍ ଚାଳକ ବନ୍ତଳା ଥାନା ଜରାଓରପୁର ଗାଁର ଅରୁଣ କୁମାର ସାହୁ(୪୧)ଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ଜରପଡ଼ା ଥାନା ମରାତିରା ଗୋଦାମରୁ ଏକ ଟ୍ରକ୍ ୨୪ ଟନ୍? ଲୁହାଛଡ଼ ବୋଝେଇ କରି ବାରିପଦାକୁ ଯାଉଥିଲା । ତେବେ ଟ୍ରକ୍ ଚାଳକ ବନ୍ତଳା ଥାନା ଜରାଓରପୁର ଗାଁର ଅରୁଣ କୁମାର ସାହୁ ଗତ ୨୮ ତାରିଖ ରାତିରେ ବନ୍ତଳା ପେଟ୍ରୋଲ ପମ୍ପ ନିକଟରେ ଛିଡ଼ା କରି ଘରକୁ ଯାଇଥିଲେ । ସକାଳୁ ଟ୍ରକ୍ଟି ସେଠାରୁ ଚୋରି ହୋଇଯାଇଥିବା ନେଇ ମାଲିକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଥିଲା । ତେବେ ପୁଲିସ ଘଟଣାର ତଦନ୍ତ କରିବା ପରେ ଦେବଗଡ଼ରୁ ଟ୍ରକ୍?ର ସନ୍ଧାନ ମିଳିଥିଲା । ଟ୍ରକ୍?ଟି ଚୋରି କରିବା ପରେ ଲୁହାଛଡ଼ ବିକ୍ରି କରି କରି ଦିଆଯିବା ସହିତ ଗାଡ଼ିକୁ ଲୁଚାଇ ରଖାଯାଇଥିଲା। ଟ୍ରକ୍ ଚାଳକ ଅରୁଣ କୁମାର ସାହୁ ଏହି ଚୋରିର ଯୋଜନା କରିଥିଲା ବୋଲି ଜଣାପଡ଼ିଛି। ଏଥିରେ ଆଉ ୩ ରୁ ଅଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ବେଳେ ପୁଲିସ ଆଜି ଅରୁଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ମା' କନକ ଦୁର୍ଗା ମହୋତ୍ସବ - ୨୦୨୫ ଉଦଯାପିତ

ବାଲିପାଟଣା,(ମହାଭାରତ)ବାଲିପାଟଣା ବ୍ଲକ ଅନ୍ତର୍ଗତ ବାଗଲପୁର ଗ୍ରାମବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗ ଓ ଆଦର୍ଶ ୟୁଥ୍ ଫାଉଣ୍ଡେସନ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କ ଉଦ୍ୟମରେ ସ୍ଥାନୀୟ ମେଳଣ ପଡ଼ିଆରେ ତୃତୀୟ ମା' କନକଦୁର୍ଗା ମହୋତ୍ସବ - ୨୦୨୫ ଗତକାଲି ଉଦଯାପିତ ହୋଇଯାଇଅଛି। ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କନକଦୁର୍ଗାଙ୍କ ଅପାର ମହିମା ତଥା କିମ୍ବଦନ୍ତୀକୁ ଉଜ୍ଜୀବିତ କରି ରଖିବା ସହ ମା'ଙ୍କ ପୀଠର ପ୍ରଚାର ପ୍ରସାର ନିମନ୍ତେ ୨ ଦିନ ଧରି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ: ଅରବିନ୍ଦ ଢ଼ାଲି ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ନାରାୟଣ ବେହେରା ଯୋଗ ଦେଇଥିଲେ।ସମ୍ମାନିତ ଅତିଥି ଭାବେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ଭୁବନେଶ୍ୱର ଜିଲ୍ଲା ସଭାପତି ସ୍ୱୟଂ ସେବକ ରାୟ, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ବିଜେପି ନେତା ପ୍ରଦୀପ୍ତ କୁମାର ମହାନ୍ତି, ସମାଜସେବୀ ରଞ୍ଜନ କୁମାର ମହାପାତ୍ର,ବାଲିପାଟଣା ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା, ଶିଶୁ ଅନନ୍ତ ପ୍ରେସ କ୍ଲବ ସଭାପତି ବିଦ୍ୟା ଭୂଷଣ ଭୋଳ,ପ୍ରମୁ ଖ ଯୋଗ ଦେଇଥିଲେ।ଆଶୁତୋଷ ଦାଶ ସଭା ପରିଚାଳନା କରିଥିଲେ।ଉଦ୍ଘାଟନୀ ସନ୍ଧ୍ୟାରେ ଚମତ୍କାର ଓଡ଼ିଶୀ ନୃତ୍ୟ ଓ ଭଜନ ପରି ବେଷଣ କରାଯାଇଥିଲା।ଏହି ଅବସରରେ ଉତ୍ସବରେ ଅଞ୍ଚଳର ବହୁ ପ୍ରତିଭାବାନ ବ୍ୟକ୍ତି ,ସାମ୍ବାଦିକ ମାନଙ୍କୁ ମାନପତ୍ର,ବୃକ୍ଷ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।ଆଦର୍ଶ ୟୁଥ୍ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ ପ୍ରଳୟ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାକେଶ କୁମାର ନାୟକ, ଗୁରୁ ପ୍ରସାଦଦାସ,ମଳୟ କୁମାର ଦାସ, ସୁଶାନ୍ତ କୁମାର ନାୟକ, ନିକୁଞ୍ଜ ବିହାରୀ ଦାସ, ଲକ୍ଷ୍ମଣ ସାହୁ, ଗୋବିନ୍ଦ ଚନ୍ଦ୍ର ଦାସ,ମଧୁସୂଦନ ଦାସ,ନୀଳାଦ୍ରି ବିହାରୀ ଦାସ, ମନୋଜ ବେହେରା, ସତ୍ୟଜିତ ପ୍ରହରାଜ, ବିଶ୍ୱଜିତ ପ୍ରହରାଜ, ସ୍ମିତାଲି ପହରାଜ,ବିଶ୍ୱଜିତ ଦାସଙ୍କ ସହ ଟ୍ରଷ୍ଟର ଅନ୍ୟ ସଦସ୍ୟ ମାନେ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ବିକାଶ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବସ୍ ଧକ୍କା ଦେଲା ବାଇକକୁ: ୨ ମୃତ, ୩ ଆହତ



ଲକ୍ଷ୍ମୀପୁର,(ମହାଭାରତ): କୋରାପୁଟ ଜିଲ୍ଲାର କାକିରିଗୁମା ଥାନା ଅଧୀନ ଦଶମନ୍ତପୁର ଛକ ନିକଟରେ ସୋମବାର ସକାଳେ ଘଟିଥିବା ଦୁର୍ଘଟଣା ଅଞ୍ଚଳରେ ତୀବ୍ର ଚଣାଚଣି ଓ ଅସନ୍ତୋଷ ଜମାଇଛି। ଗୁଣୁପୁରରୁ ଜୟପୁର ଯାଉଥିବା ଜେ.କେ. ବସ ତୀବ୍ର ଗତିରେ ଏକ ବାଇକକୁ ଧକ୍କା ଦେଇଥିଲା। ଯାହା ଫଳରେ ବାଇକ ଉପରେ ଯାଉଥିବା ପରିବାର ଜଣେ ସଦସ୍ୟ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଅନ୍ୟ ୪ ଜଣ ଆହତ ଅବସ୍ଥାରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଯାଇଥିଲେ। ଯେଉଁଠି ଆଉ ଜଣେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହାରିଥିଲେ। ଅବଶିଷ୍ଟ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ଘଟଣା ପରେ ଆକ୍ରୋଶିତ ଅଞ୍ଚଳବାସୀ ଓ ମୃତକ ପରିବାର ଲୋକେ ଗତକାଲି ସକାଳ ୧୧ଟାରୁ ଆଜି ଦିନ ୧୨ଟା ପର୍ଯ୍ୟନ୍ତ ଏନ୍.ଏଚ୍-୩୨୬ ରେ ରାସ୍ତା ଅବରୋଧ କରି ଦୀର୍ଘ ଆନ୍ଦୋଳନ କରିଥିଲେ। ଫଳରେ ଗୁଣୁପୁର-ଜୟପୁର ମାର୍ଗରେ ଯାନ ଚଳାଚଳ ପୂରାପୂରି ବନ୍ଦ ହୋଇଥିଲା । ଦେଶୀ ବ୍ୟାପାରୀ ଓ ଯାତ୍ରୀମାନେ ଭାରି ଅସୁବିଧାରେ ପଡ଼ିଥିଲେ। ପରେ ପରିସ୍ଥିତି ନିୟନ୍ତ୍ରଣ ପାଇଁ କୋରାପୁଟ ଉପଜିଲ୍ଲାପାଳ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ଏସ୍.ଡି.ପି.ଓ., ତହସିଲଦାର ଗୁରେଶ୍ୱର ଭୋଇଁ ଓ କାକିରିଗୁମା ଥାନା ଆଇ.ଆଇ.ସି. ସୁନୀଲ କୁମାର ସ୍ୱାଇଁ ଘଟଣାସ୍ଥଳ ପହଞ୍ଚି ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। ସର୍ବଦଳୀୟ ନେତା ଙ୍କ ମଧ୍ୟସ୍ଥତାରେ ବସ ମାଲିକ ପକ୍ଷରୁ ମୃତ ପରିବାରକୁ ୨ ଲକ୍ଷ ଟଙ୍କା ଅର୍ଥସାହାଯ୍ୟ ଦେବାକୁ ସ୍ୱୀକୃତି ମିଳିଥିଲା। ତାହାରୁ ଆଜି ୧ ଲକ୍ଷ ଟଙ୍କା ଦିଆଯାଇଛି ଓ ଶେଷ ଅଂଶ ଆସନ୍ତାକାଲି ହସ୍ତାନ୍ତର ହେବ। ଏଥିସହିତ ତହସିଲଦାର ମାଧ୍ୟମରେ ରେଡ୍ କ୍ରୋସ ଫଣ୍ଡ ରୁ ୨୦ ହଜାର ଟଙ୍କା ତତ୍କାଳିକ ସହାଯ୍ୟ ଦିଆଯାଇଛି। ଅଞ୍ଚଳବାସୀଙ୍କ ଦାବି ଅନୁଯାୟୀ, ବସ ଚାଳକ ଙ୍କ ଅବହେଳା ଓ ତୀବ୍ର ଗତି ଯୋଗୁ ଏହି ଦୁର୍ଘଟଣା ଘଟିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରି ମାମଲା ରୁଜୁ କରିଛନ୍ତି। କାକିରିଗୁମା ଆଇ.ଆଇ.ସି. ସୁନୀଲ କୁମାର ସ୍ୱାଇଁ କହିଛନ୍ତି ଯେ ଘଟଣାର ପୂରା ତଦନ୍ତ ଚାଲିଛି।

## ଗାଁର ବିକାଶ ମୂଳକ କାର୍ଯ୍ୟକୁ ବନ୍ଦ କରିବା ପାଇଁ ହୀନ ଚକ୍ରାନ୍ତକୁ ନେଇ ତାତିଲେ ଗ୍ରାମବାସୀ



ଝରୀଗାଁ (ମହାଭାରତ) ଆମ ଗାଁ ଆମ ବିକାଶ ଯୋଜନା ରେ ଆସିଥିବା କାମ କୁ ଭଣ୍ଡୁର କରିବା ପାଇଁ ଚାଲିଥିବା ଚକ୍ରାନ୍ତ ବିରୁଦ୍ଧରେ ତାତିଛନ୍ତି ଗ୍ରାମ ବାସି। ଆମେ କହୁଛୁ ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଫୁପୁଗାଁ ପଂଚାୟତ ଅଧୀନ ପୂଜାରୀଗୁଡା ଗ୍ରାମ କଥା। କିଛି ଦିନ ପୂର୍ବରୁ ଝରୀଗାଁ ବିଡ଼ିଓ ଙ୍କ ଚିଠି କ୍ରମେ ଫୁପୁଗାଁ ସରପଞ୍ଚ ଙ୍କୁ ଅନୁପାଳନ ରେ ଏହି କାମ ଗାଁ କମିଟି କୁ କାମ କରିବାକୁ ହସ୍ତାନ୍ତର କରିଥିଲେ। ଗାଁ ଲୋକ ପ୍ରଶାସନ ର ସବୁ ନିୟମ ପାଳନ କରି ପ୍ରଥମେ କାର୍ଯ୍ୟାଦେଶ ବୋର୍ଡ ଓ଼ ପରେ କାମ ଆରମ୍ଭ କରିଥିଲେ। କିନ୍ତୁ କିଛି ବାହାର ପଞ୍ଚାୟତ ର ମୁଷ୍ଟିମେୟ ଲୋକ କାମ ଠିକ ହଉନି ଓ଼ କାମ ନିଜ ଅକ୍ତିଆର କୁ ନେବାକୁ ଚାହିଁବାରୁ ଗାଁ ଲୋକ ତାତି ଯାଇଥିଲେ। ଗାଁ ର ଭଲ ମନ୍ଦ କାମ ଗାଁ ର କମିଟି ଓ଼ ଗାଁ ଲୋକଙ୍କ ତତ୍ୱା ବଧାନ ରେ ହେବାକୁ ସରପଞ୍ଚ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସରପଞ୍ଚଏ ବାବଦରେ ଗାଁ କମିଟି ହିଁ କରୁ ବୋଲି ଯୁକ୍ତି ବଢିଥିଲେ ଓ଼ ବାହାର ଲୋକଙ୍କୁ କୌଣସି ମତେ କାମ ଦିଆଯିବନି ବୋଲି କହିଥିଲେ। ଆଗାମୀ ଦିନରେ ଏମିତି ଘଟଣା ଘଟିଲେ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି।

## ମା ରମ୍ଭଦେବୀଙ୍କ ଗଣ ପର୍ବ ପାଳିତ




ଦେବଗଡ ( ମହା ଭରତ ) ବାରକୋଟ : ଆଜି ଦେବଗଡ଼ ଜିଲ୍ଲା ପୁରୁଣା ବାରକୋଟ ଠାରେ ମା ରମ୍ଭାଦେବି ଙ୍କ ଗଣ ପର୍ବ ପାଳିତ ହୋଇଯାଇଛି। ଏହି ପୂଜା ୩୦୦ ବର୍ଷ ପୂର୍ବ ରାଜା ରାଜୁଆଲୀ ସମୟରୁ ପାଳିତ ହୋଇଆସୁଛି।ଏହି ପର୍ବ ଚଳିତ କାର୍ତ୍ତିକ ମାସ କୁଆଁର ପୂର୍ଣ୍ଣିମା ଦିନ ମା ରମ୍ଭା ଦେବୀ ପୂଜା ପାଇଥାନ୍ତି।ଏହି କୁଆଁର ପୂର୍ଣ୍ଣିମା ଦିନ ହଜାର ହଜାର ଦର୍ଶକ ଏବଂ ଶ୍ରଦ୍ଧାଳୁ ମାଆଙ୍କର ଆଜି ଦର୍ଶନ କରି ଆଶିଷ ଲାଭ କରିଥାନ୍ତି। ବାମଣ୍ଡା କିମ୍ବଦନ୍ତୀ ରୁ ଶୁଣିବାକୁ ମିଳେ ବହୁ ବର୍ଷ ପୂର୍ବରୁ ରାଜ ରାଜୁତି ସମୟ ରେ କେନ୍ଦୁଝର ରାଜା ମା ରମ୍ଭଦେବି ଙ୍କୁ ନେଇ ଯିବାପାଇଁ ଆସିଥିଲେ,କିନ୍ତୁ ମା ରମ୍ଭା ଦେବି ଙ୍କୁ କୌଣସି ମୋତେ ନେଇ ପାରିନଥିଲେ,ଯାଆ ଫଳରେ କି କେନ୍ଦୁଝର ରାଜାଙ୍କ ସୈନିକ ମାନେ ଶେଷରେ ନିରାଶ ହୋଇ କଳା ଗାଁ ର ରାସ୍ତା କଡ଼ରୁ ମାଟି ମୁଠାଏ ଲେଖାଏଁ ନେଇ କେନ୍ଦୁଝର ଯାଇଥିଲେ,ଏତେ ସୈନିକ ଆସିଥିଲେ ଜେ ଯୋଉ ଜାଗାରୁ ମାଟି ନେଇ ଯାଇଥିଲେ ସେଇ ସମୟରେ ସେଇ ଜୟଗାଟି ଗୋଟିଏ ବନ୍ଧ ହୋଇଯାଇଥିଲା, ସେଇ ବନ୍ଧ କୁ ସେଇ ଦିନଠାରୁ ସନ୍ତେଇ ବନ୍ଧ ବୋଲି ସମସ୍ତେ ଜାଣନ୍ତିୟ ଆଜି ଏହି ପର୍ବ କୁ ଦେବଗଡ଼ ବିଧାୟକ ରୋମା□ ରଞ୍ଜନ ବିଶ୍ୱାଳ,ବ୍ଲକ୍ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର,ସରପଞ୍ଚମାନଙ୍କ ଙ୍କ ସଭାପତି ସତ୍ୟ ନାରାୟଣ ପାଣି, କଣ୍ଢେଲଗାଁରୁ ବାବା, କଳା ଗାଁରୁ ରାଜ କିଶୋର ସାହୁ ଯୋଗ ଦେଇ ମା ଙ୍କ ଅଶ୍ରିବାଦ ଲାଭ କରିଛନ୍ତି। ଏହି ରମ୍ଭଦେବୀ ପୂଜାରେ ପୂଜାରୀ ଛେଣ୍ଡାଳି ଦେହୁରୀ, ଙ୍କ ନେତୃତ୍ୱରେ ସଭାପତି ତନୁ ଚନ୍ଦ୍ର ପାତ୍ର, ସମ୍ପାଦକ ପରସର ସାହୁ, ଉପଦେଷ୍ଟା ରମାକାନ୍ତ ପ୍ରଧାନ, ରଘୁମନି ବେହେରା, ସୁବ୍ରତ ପ୍ରଧାନ, ସୂର୍ଯ୍ୟ ମଣି ମହାନ୍ତ, ଦୁଷ୍ମନ୍ତ ବିଶ୍ୱାଳ, ପୁରୁନ୍ଦର ସାହୁ, ସହଯୋଗ କରିଥିଲେ।

## ପାକିଡ଼ି ଛକ ନିକଟରେ ଦୁର୍ଘଟଣା ଗ୍ରସ୍ତ ଷଣ୍ଢ କୁ ଉଦ୍ଧାର କଲେ ସ୍ୱେଚ୍ଛାସେବୀ

ଆସିକା (ମହାଭାରତ) ଆସିକା ଥାନା ଅନ୍ତର୍ଗତ ପାକିଡ଼ି ଛକ ନିକଟ ଜାତୀୟ ରାଜପଥ ୫୯ ପାକିଡ଼ି ନିକଟ ପେଟ୍ରୋଲ ପମ୍ପ ନିକଟରେ ରାସ୍ତା କଡରେ ପଡିରହିଥିବା ଗୋଟିଏ ଗୁରୁତର ଷଣ୍ଢକୁ ଆସିକାର କିଛି ସ୍ୱେଚ୍ଛାସେବୀ ସ୍ଥାନୀୟ ଖଣ୍ଡାଦେଉଳି ସରପଞ୍ଚଙ୍କ ଜେସିବି ମେସିନ ସାହାଯ୍ୟରେ ଆସିକା ଯୁବ ଆଇନଜୀବି ଦେବାକନ୍ତ ଶର୍ମା, ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ସ୍କାଉଟ ମାଷ୍ଟର କମଳେନ୍ଦୁ ହୋତା ଉଦ୍ଧାର କରି ଚିକିତ୍ସା ନିମନ୍ତେ ସ୍ଥାନୀୟ ଆସିକା ଟାଉନ ହଲ ଠାରେ ରଖି ସ୍ଥାନୀୟ ବ୍ଲକ ପଶୁ ଚିକିତ୍ସିକ ସୁଧାଂଶୁ ବେହେରା, ସହକାରୀ ପଶୁ ଚିକିତ୍ସକ ଆଶୁତୋଷ ଚୌଧୁରୀ ଦୁର୍ଘଟଣାରେ ଷଣ୍ଢଟିର କଟି ଯାଇଥିବା ଜିଭ ର ଅସ୍ତ୍ରୋପଚାର କରିଥିଲେ।ଗୁରୁତର ଆହତ ଷଣ୍ଢ ଟିର ସେବା ଶୁଶ୍ରୁଷା କରିବା ଦିଗରେ ଆସିକା ପତଞ୍ଜଳି ଯୋଗ ଶିବିର ସଭ୍ୟ କାମେଶ୍ୱର ଆଚାରୀ, ଦିଲ୍ଲୀପ କୁମାର ପାଣିଗ୍ରାହୀ,ସୁରେନ୍ଦ୍ର ବିଷୋୟୀ,ବୁଲୁ ପାଣିଗ୍ରାହୀରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ସଭ୍ୟ ବିଶ୍ୱନାଥ ସେଠୀ ଆସିକା ହାଟପଦା ପରିବା ବ୍ୟବସାୟୀ ସଙ୍ଘ ପ୍ରମୁଖ ଆପ୍ରାଣ ଉଦ୍ୟମ କରୁଛନ୍ତି। ପ୍ରକାଶ ଥାଉକି ଜାତୀୟ ରାଜପଥ ୫୯ରେ ଏହି ଭଳି ମୁମୁର୍ଷୁ ଅବସ୍ଥାରେ ପଡ଼ିରହିଥିବା ଷଣ୍ଢ ଟିକୁ ପଶୁ ଚିକିତ୍ସା କେନ୍ଦ୍ର କୁ ନେବାପାଇଁ ଜାତୀୟ ରାଜପଥର କୌଣସି ଆମ୍ବୁଲାନ୍ସ ନଥିବା ସାଙ୍ଗକୁ ଜିଲ୍ଲା ପଶୁ ଚିକିତ୍ସାକେନ୍ଦ୍ର ଠାରେ ଇଣ୍ଡୋର ଚିକିତ୍ସାର ସୁବିଧା ନାହିଁ। ଏହି ଭଳି ପରିସ୍ଥିତିରେ ଅସହାୟ ପଶୁ ଚିକିତ୍ସା ପାଇଁ କୌଣସି ବିକଳ୍ପ ନଥିବା ଯୋଗୁଁ ପଶୁପ୍ରେମୀ ମନରେ ଗଭୀର ଆଘାତ ଲାଗିଛି। ତୁରନ୍ତ ଏଦିଗରେ ପଶୁ ସମ୍ପଦ ମନ୍ତ୍ରୀ ପଶୁ ଚିକିତ୍ସାଳୟରେ ଇଣ୍ଡୋର ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ପଶୁ ପ୍ରେମୀ ଅଞ୍ଚଳ ବାସୀଙ୍କ ପକ୍ଷରୁ ଦାବୀ ହେଉଛି।

## ଆତଙ୍କ ଖେଳାଉଛି ଗୋଠଛଡ଼ା ଦନ୍ତା,ଅଞ୍ଚଳରେ କୋକୁଆ ଭୟ

ଅନୁଗୋଳ ( ମହାଭାରତ):ନାଲକୋ ଥାନା ଅନ୍ତର୍ଗତ କାଣ୍ଡଶର କପିଳେଶ୍ୱର ଶିବ ମନ୍ଦିର ଠାରେ ଦନ୍ତାହାତୀ ରହିଛି। ସୂଚନା ଯେ ୪୬ଟି ହାତୀ ପଲ ୫ ଦିନ ହେବ ନାଲକୋ ଅଞ୍ଚଳରେ ରହି ଆତଙ୍କ ସୃଷ୍ଟି କରୁଛନ୍ତି। ଏହି ଅଞ୍ଚଳରେ ଥିବା କଦଳୀ ବଗିଚା, ପଣସ ଗଛ, ଆମ୍ବ ଗଛ, ନଡ଼ିଆ ଗଛ ନଷ୍ଟ ସହ ଧାନ ବିଲ ନଷ୍ଟ କରୁଛନ୍ତ।କେତେକ ଗ୍ରାମରେ ଘର ଭାଙ୍ଗି ଦେଇଥିବା ଅଭିଯୋଗ ମାନ ହୋଇଛି। କେତେକ ସମୟରେ ହାତୀ ମଣିଷ ମୁହାଁ ମୁହିଁ ହୋଇ ଅକାରଣେ ଜୀବନ ଚାଲିଯାଉଛି।ଆଜି ଶୌଚ୍ ପାଇଁ କାଣ୍ଡଶରର କିଛିଲୋକ ମନ୍ଦିର ପଛପାଖ ଆମ୍ବ ବୁରୀକୁ ଯାଇଥିବାବେଳେ ଗୋଟିଏ ଦନ୍ତାହାତୀ ଦେଖିବାକୁ ପାଇଥିଲେ। ଯାହାଫଳରେ ପ୍ରଘଟ ହେବାରୁ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ବନବିଭାଗ ପହଞ୍ଚିଛି। ହାତୀ ପାଖକୁ ଯାଇ ସେଲଫି ନେବା ପାଇଁ ପ୍ରତିଯୋଗିତା ଚାଲିଥିବା ଦେଖିବାକୁ ମିଳିଥିଲା । ଏହାକୁ ବନ ବିଭାଗ ବାରଣ କରୁଥିବା ଦେଖିବାକୁ ମିଳିଛି। ଗୋଠ ଛାଡ଼ି ଏହି ଦନ୍ତା ଏଠାକୁ ଆସିଛି ବୋଲି ପ୍ରକାଶ କରିଛନ୍ତି।ହାତୀ ଯୋଗୁଁ ବିଦ୍ୟୁତ ବିଭାଗ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ କରୁଛନ୍ତି । ଏହା ଦ୍ୱାରା ଲୋକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବନ ବିଭାଗ ପକ୍ଷରୁ ହାତୀପଲ କୁ ଆୟ□ କରିବାରେ ବିଫଳ ଯୋଗୁଁ ହାତୀ ଲୋକଙ୍କ ଜୀବନ ନେବାକୁ ପଛାଉ ନାହାନ୍ତି।

## ଭାଙ୍ଗିଲା ତୋରଣ,ଅଳ୍ପକେ ବର୍ତ୍ତିଲେ ପଥଚାରି

ହିନ୍ଦୋଳ(ମହାଭାରତ)ବର୍ଷା। ସାଙ୍ଗକୁ ଅନବରତ ବିଦ୍ୟୁତକାଟ ସମ୍ପୂର୍ଣ୍ଣ ଧୋଇନେଉଛି ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଗଜଲକ୍ଷ୍ମୀ ପୂଜା ମାହୋଲୟ ଜନସାଧାରଣ ବହୁ ଆଶାରେ ଅପେକ୍ଷା କରିଥିଲେ ଧନଦାତ୍ରୀଙ୍କ ଆଗମନକୁ ମାତ୍ର ସବୁ ଫିକା ପକାଇଦେଇଛି। ବାରମ୍ବାର ଅଭିଯୋଗ ସତ୍ୱେ ବିଦ୍ୟୁତ ବିଭ୍ରାଟ ରୋକାଯାଇ ପାରୁନଥିବାରୁ ଜନସାଧାରଣଙ୍କ ମନରେ ଅସନ୍ତୋଷ ଦେଖାଇଦେଇଛି। ତେବେ ଲଗାଣ ବର୍ଷାପାଇଁ ଆଜି ଅପରାହ୍ନରେ ହିନ୍ଦୋଳ ଏନଏସି ରେ ବହୁ ଗଛବୃକ୍ଷ ଉପୁଡି ପଡିଥିବାବେଳେ ବିଦ୍ୟୁତ ସରବାରହ ଛିନ ହୋଇଯାଇଛି ଏବଂ ୱାର୍ଡ ନଂ ୮ କଳ୍ପନା ବଜାରର ଏକ ଉଚ୍ଚ ଗେଟ ସମ୍ପୂର୍ଣ୍ଣ ଭୁଇଁରେ ଖସିପଡ଼ିଛି। ତେବେ ସେହି ସମୟରେ କୌଣସି ଲୋକ ନଥିବାରୁ କିଛି ଅଘଟଣ ଘଟିନାହିଁୟ କିନ୍ତୁ ଏହିପରି ଅକସ୍ମାତ ଦୁର୍ଘଟଣା ଯଦି ଘଟେ ତେବେ କ୍ଷୟକ୍ଷତି ଘଟିବାର ସମ୍ଭାବନା ଥିବାରୁ ହିନ୍ଦୋଳ ପ୍ରଶାସନ ଓ ପୋଲିସ ପକ୍ଷରୁ ସତର୍କତା ଅବଲମ୍ବନ ପାଇଁ ସତର୍କ କରାଯାଇଛି ଏବଂ ସମସ୍ତ ସରକାରୀ ନୀତିନିୟମ ଅନୁସରଣ ପାଇଁ ସମସ୍ତ ପୂଜା କମିଟିକୁ କୁହାଯାଇଛି। ତେବେ କଳ୍ପନା ବଜାର କମିଟି ପକ୍ଷରୁ ତୁରନ୍ତ ଭାଙ୍ଗିଯାଇଥିବା ତୋରଣ କୁ ଖୋଲାଯାଇ ରାସ୍ତା ସଫା କରାଯାଇଥିବା ସହ ପ୍ରତିକାର ନିଆଯାଇଛି।



## କାକଟପୁର ଥାନା ପକ୍ଷରୁ ଶାନ୍ତି କମିଟି ବୈଠକ

କାକଟପୁର(ମହାଭାରତ): ଆମ କଟକ ସହରରେ ଭସାଣି ସମୟରେ ଘଟିଥିବା ସାମ୍ପ୍ରଦାୟିକ ପରିସ୍ଥିତିକୁ ନଜରରେ ରଖୀ ପୁରୀ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ କାକଟପୁର ଅଂଚଳର ସମସ୍ତ ବୁଦ୍ଧିଜୀବୀ ମାନଙ୍କୁ ନେଇ ଆଜି କାକଟପୁର ଥାନାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଅଛି।ବତର୍ତ୍ତମାନ ପାର୍ବଣ ର ସମୟ ଚାଲିଛି ବିଭିନ୍ନ ସ୍ଥାନରେ ପୂଜା ଭଷାଣି ମହୋତ୍ସବ ଅନୁଷ୍ଠିତ ହୋଇଛି, କାକଟପୁର ଏକ ଭାଇ ଚାରା ଅଞ୍ଚଳ ଯେଉଁଠି ହିନ୍ଦୁ ଓ ମୁସଲମାନ ମାନେ ଏକ ପବିତ୍ର ଭାଇ ଭାଇ ର ସମ୍ପର୍କ ନେଇ ଚଳି ଆସୁଛନ୍ତି, ଉଭୟ ଙ୍କ ଭିତରେ ବାଣିଜ୍ୟ ଗତ, ସାମାଜିକ ସମ୍ପର୍କ କାଇଁ କେଉଁ ଅନାଦି କାଳରୁ ଏକ ଚିରସ୍ଥାୟୀ ସୁ ସମ୍ପର୍କ ରହିଛି ଆଉ ଏହି ସମ୍ପର୍କ କୁ ଅତୁଟ ରଖି ସେହି ଭାଇଚାରା ର ନିଆରା ପରମ୍ପରା କୁ ବଜାୟ ରଖି ଶାନ୍ତି ମୈତ୍ରୀ ପ୍ରତିଷ୍ଠା ଉଦ୍ଦେଶ୍ୟ ରେ କାକଟପୁର ଥାନା ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ର ଆୟୋଜନ କରାଯାଇଥିଲା । ଏହି ବୈଠକରେ ଅତିଥି ଭାବେ ଏସଡିପିଓ ନିମାପଡା ଶ୍ରୀ ଜନାର୍ଦ୍ଦନ ପାଢ଼ୀ, କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ , କାକଟପୁର ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକ ଓ କାକଟପୁର ଅଞ୍ଚଳର କେତେକ ପ୍ରମୁଖ ବୁଦ୍ଧିଜୀବୀମାନେ ଯୋଗ ଦେଇ ଅଞ୍ଚଳ ରେ ଶାନ୍ତି ,ମୈତ୍ରୀ ଓ ଭାତୃତ୍ୱ ଭାବ ପ୍ରତିଷ୍ଠା ସାଙ୍ଗକୁ ହିନ୍ଦୁ ଓ ମୁସଲିମଙ୍କ ମଧ୍ୟରେ ଭାଇଚାରା ଭାବ ରଖି ଚଳା ଚଳ ହୋଇ ଶାନ୍ତି ବଜାୟ ରଖିବାକୁ ସମସ୍ତ ସଦସ୍ୟ ମାନେ ନିଜ ନିଜର ମତ ପରି ପ୍ରକାଶ ପ୍ରକାଶ କରିଥିଲେ ।

## ଅଙ୍ଗନବାଡ଼ି କର୍ମୀଙ୍କ ଅକାଳ ବିୟୋଗ

ମୋହନା (ମହାଭାରତ): ଅଙ୍ଗନବାଡ଼ି କର୍ମୀଙ୍କ ଅକାଳ ବିୟୋଗରେ ଶୋକର ଛାୟା ଖେଳିଯାଇଛି ସାରା ଅଞ୍ଚଳରେ । ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି ଗ୍ରାମର ଅନନ୍ତ ଦଳାଇ ଙ୍କ ପତ୍ନି ସସ୍ମିତା ମାର୍ଥିଙ୍କ ଝାରଖଣ୍ଡ ପାଲାମୁ ଜିଲ୍ଲା ମେଦିନିନଗର ମେଦିନୀ ରାୟ ମେଡିକାଲ କଲେଜ୍ ଓ ହସ୍ପିଟାଲ୍ ଠାରେ ମୃତ୍ୟୁ ହୋଇଥିଲା । ସୂଚନା ମୁତାବକ ମୃତ ସସ୍ମିତା ନିଜ ପରିବାର ସହ ତୀର୍ଥ ଯାତ୍ରାରେ ଯାଇଥିଲେ। ବିଭିଓ ତୀର୍ଥ ସ୍ଥାନ ବୁଲିବାପରେ ହଠାତ୍ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇଥିଲା ଯତେବେ ତାଙ୍କୁ ପାଲାମୁ ସ୍ଥିତ ମେଦିନୀ ନଗର ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ଚିକିତ୍ସା ଅବସ୍ତାରେ ମୃତ୍ୟୁ ହୋଇଥିଲା । ମୃତ୍ୟୁ ଖବର ପାଇ ତାଙ୍କ ପରିବାର ତଥା ଗ୍ରାମବାସୀ ଓ ସହକର୍ମି ଙ୍କ ମହଲରେ ଶୋକର ଛାୟା ଖେଳି ଯାଇଥିଲା । ତେବେ ତାଙ୍କୁ ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ନିଜ ବାସସ୍ଥାନ ଚନ୍ଦ୍ରଗିରି ନେଇ ଆସିଥିଲେ । ତାଙ୍କ ଶେଷ ଯାତ୍ରାରେ ଶତାଧିକ ଗ୍ରାମ ବାସୀ , ଶତାଧିକ ଅଙ୍ଗନବାଡ଼ି କର୍ମୀ ,ସ୍ୱାସ୍ଥ୍ୟ କର୍ମୀ ଓ ତାଙ୍କ ବିଭାଗୀୟ ଅଧିକାରୀ ଅଧିକାରିଣୀ ଯୋଗଦେଇଥିଲେ । ନିଜ ସହକର୍ମୀ ଙ୍କୁ ହରାଇ ବାହୁନୀ ବାହୁନି ତାଙ୍କ ମର ଶରୀର ଉପରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ଏପଟେ ତାଙ୍କ ର ଛୋଟ ଛୋଟ ଦୁଇ ଝିଅ ଥିବାବେଳେ ତାଙ୍କରି ମୁଣ୍ଡରୁ ମାଁ ର ପଣତ କାନି ଉଠିଗଲା କହି କୋହ ସମ୍ଭାଳି ପାରିନଥିଲେ ବିଭାଗୀୟ ଅଧିକାରିଣୀ । ସୂଚନା ଥାଉ କି ମୃତ ସସ୍ମିତା ଚନ୍ଦ୍ରଗିରି ହରିଜନ ସାହିରେ କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀ ଥିଲେ । ସେ ଜଣେ ମେଲାପି ଓ ମିଷ୍ଟଭାଷୀ ଥିବାରୁ ତାଙ୍କରି ବିୟଗରେ ପ୍ରତ୍ୟେକ ମହଲ ରେ ସୋକର ଚାୟା ଖେଳିଯାଇଛି ।ଓ ସମସ୍ତେ ତାଙ୍କରି ଅମର ଆତ୍ମାର ସଦ୍ଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି ।

## ବସଷ୍ଟାଣ୍ଡରେ ଅସହାୟ ଅବସ୍ଥାରେ ବୃଦ୍ଧା



ଆସିକା(ମହାଭାରତ): ଆସିକା ସରକାରୀ ବସଷ୍ଟାଣ୍ଡ ଠାରେ ଦୀର୍ଘ ପାଞ୍ଚ ଦିନ ହେଲାଣି ଜଣେ ୃଦ୍ଧା ଅସହାୟ ଅବସ୍ଥାରେ ଭୋକ ଉପାସରେ ପଡ଼ିରହିଛନ୍ତି। ବୟସ ଅଧିକ ଯୋଗୁଁ ବୃଦ୍ଧା ଜଣଙ୍କ ତାଙ୍କ ଘର ଠିକଣା କହି ପାରୁନହାନ୍ତି କେତବେଳେ କହୁଛନ୍ତି ମୋ ପୁଅ ଭୋଜି ଖାଇବାକୁ ଯିବା କହି ଏହିଠାରେ ଛାଡି ଚାଲିଗଲା ତ କେତେବେଳେ ମୋ ପରିବାର ଲୋକ ବାଲିଗୁଡା ଅଞ୍ଚଳରେ ତ କେତେବେଳେ ଫୁଲବାଣୀ ଅଞ୍ଚଳରେ ଅଛନ୍ତି ବୋଲି କହୁଛି। ମୋ ପୁଅ ଭୋଜି ଖାଇବ କହି ଏଠାରେ ଛାଡି କେଉଁଆଡେ ଚାଲି ଯାଇଛି। ମୋତେ ମୋ ଘରେ ଛାଡିଦିଅ କହି ଆକୁଳ ନିବେଦନ କରୁଛି। ଏହା ସତ୍ୱେ ଆସିକା ସରକାରୀ ବସଷ୍ଟାଣ୍ଡ ଦାଇତ୍ୱରେ ଥିବା କତୃପକ୍ଷ ଆସିକା ମୁନ୍ସିପାଲଟି, ଆସିକା ବ୍ଲକ ଜନମଙ୍ଗଳଅଧିକାରୀ, ଆସିକା ତହସିଲଦାର, ସ୍ଥାନୀୟ ପୋଲିସ ଏହି ବୃଦ୍ଧାଙ୍କ ଥଇଥାନ ପାଇ କୌଣସି ପଦକ୍ଷେପ ନେଉ ନାହାନ୍ତି। ଏଣୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତୁରନ୍ତ ଏଦିଗରେ ନେବାକୁ ଅଞ୍ଚଳ ବାସୀ ଓ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।

## ଲାଞ୍ଜିଗଡ ଦୁର୍ଗମ ଅଞ୍ଚଳରେ ହାତୀ ମଣିଷ ଲଢେଇ

## ଗାଈ ଚରାଳି ଯୁବକକୁ ଦଳିଦେଲା ଦନ୍ତା ହାତୀ

ଲାଞ୍ଜିଗଡ଼,(ମହାଭାରତ):କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଞ୍ଚଳରେ ବର୍ଷ ସାରା ଜଙ୍ଗଲୀ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଦିନକୁ ଦିନ ଜଙ୍ଗଲୀ ହାତୀପଲ ଗାଁ ମୁହାଁ ହୋଇ ଫସଲ ନଷ୍ଟ କରିବା ସହ ଅନେକ ଲୋକଙ୍କ ଘରଦ୍ୱାର ଭଙ୍ଗାରୁଜା କରୁଛନ୍ତି ହାତୀପଲ । ହାତୀ ମଣିଷ ଲଢ଼େଇ ଭିତରେ ଦୁର୍ଗମ ଅଞ୍ଚଳରେ ଲୋକେ ତ୍ରାହିତ୍ରାହି ଡାକୁଥିବା ବେଳେ ଚୁପଚାପ ନିଦ୍ରାବିଷ୍ଟ ସାଜିଛି ବନ ବିଭାଗୟ ଜଙ୍ଗଲୀ ହାତୀ ଆକ୍ରୋଶ ର ଶିକାର ହୋଇଛି ଆଉ ଜଣେ ଯୁବକ। ହାତୀ ମଣିଷ ଲଢେଇ ରେ ୧୮ ବର୍ଷିୟା ଯୁବକ ର ଜୀବନ ଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ କୁମଖାଳ ପଞ୍ଚାୟତ ର କାତେଲବାୟୁ ଗାଁରେ. ସୂଚନା ଅନୁସାରେ ଆଦି ମାଝୀ ଙ୍କ ଏକ ମାତ୍ର ପୁଅ ଅନିଲ ମାଝୀ ନିଜ ଗାଈ ଓ ଛେଳି କୁ ନେଇ ନିକଟସ୍ଥ ବରୀ ଜଙ୍ଗଲ କୁ ଚରାଇବା ପାଇଁ ନେଇଥିଲା ଏହି ସମୟରେ ହାତୀ ଓ ଅନିଲ ସାମ୍ନା ସାମନି ହୋଇଥିଲେ। ପ୍ରାଣ ବିକଳରେ ଅନ୍ୟ ଗାଈ ଚରାଳିମନେ ଦୌଡ଼ି ପଳାଇ ଯାଇଥିବାବେଳେ ଅନିଲ ହାତୀ ହାବୁଡ଼ରେ ପଡି ଯାଇଥିଲା। ହାତୀ ଅନିଲକୁ ଶୁଣ୍ଡ ରେ ଟେକି କଚାଡି ଦେଇ ଛାତିରେ ଦଳିଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ହାତୀ ପଳାଇବା ପରେ ଗ୍ରାମବାସୀ ମାନେ ଅନିଲ କୁ ଡାକ୍ତର ଖାନା ନେବାପାଇଁ ଚେଷ୍ଟା କରିଥିଲେ ହେଲେ ଅନିଲ ର ମୃତ୍ୟୁ ହୋଇ ଯାଇଥିଲା। ବନ ବିଭାଗ ଖବର ପାଇ ବିଶ୍ୱନାଥପୁର ରେଞ୍ଜର ନରୋ□ମ ମାଝୀ ଓ ତାଙ୍କ ଟିମ ଘଟଣା ସ୍ଥଳ କୁ ଯାଇ ତଦନ୍ତ କରିଥିବା ଜଣା ପଡିଛି। ତେବେ ଉକ୍ତ ଅଞ୍ଚଳରେ ଏହି ଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ମୃତ ପରିବାର କୁ ସରକାର ପକ୍ଷରୁ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ

କେନ୍ଦୁଝର(ମହାଭାରତ): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଖୁଣ୍ଟାପଡା ଗ୍ରାମର ସି ଆର ପି ଏଫ ଯବାନ ବଳରାମ ବେହେରା ଙ୍କ ଚିକିତ୍ସା ଧୀନ ଅବସ୍ଥା ରେ ଜାମ୍ମୁ ର କଟରା ମେଡ଼ିକାଲ ରେ ମୃତ୍ୟୁ ପରେ ତାଙ୍କ ମରଶରୀର ବିମାନ ଯୋଗେ ଭୁବନେଶ୍ୱର ଆସିବା ପରେ ସେଠାରୁ ମର ଶରୀର ଆସି ଆଜି ଗାଁ ରେ ପହଞ୍ଚିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜାମ୍ମୁକାଶ୍ମୀର କିସ୍ତୁଆଡ଼ ଜିଲ୍ଲା ରେ ସି,ଆର ପି,ଏଫ୍ ର ୫୨ ବାଟାଲୀୟନ ଏସ ଆଇ ଏଉ ଭାବରେ ବଳରାମ ବେହେରା କାର୍ଯ୍ୟରତ ଥିଲେ । ଡ୍ୟୁଟି ସମୟ ରେ ଅସୁସ୍ଥ ହେବାରୁ ତାଙ୍କୁ ମେଡ଼ିକାଲ ରେ ଭର୍ତ୍ତୀ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ହୃଦଘାତ ରେ ମୃତ୍ୟୁ ହୋଇଥିଲା।ବଳରାମ ଙ୍କ ବିୟୋଗ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ଯବାନ ଙ୍କ କତର୍ତ୍ତବ୍ୟ ନିଷ୍ଠା ଓ ସାହାସ ସଦା ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି।

## ମହୁମାଛି ଆକ୍ରମଣରେ ପଦ୍ମଶ୍ରୀ ଦୈତାରି ନାୟକଙ୍କ ଜ୍ୱାଇଁ ମୃତ

କେନ୍ଦୁଝର,(ମହାଭାରତ): ମହୁମାଛି ନେଲା ଜଣଙ୍କ ଜୀବନୟ ଗୋରୁ ଚରାଇବା ସମୟରେ ଆକ୍ରମଣ କରିଥିଲା ମହୁମାଛି ।କେନ୍ଦୁଝର ଜିଲା ବାଶଂପାଳ ବ୍ଲକ୍ର ତଳ ବୈତରଣୀ ଗାଁରେ ଗୋରୁ ଚରାଇବା ସମୟରେ ମହୁମାଛି ଆକ୍ରମଣରେ ୨ ଜଣ ଗୁରୁତର ହୋଇଥିଲେ ।ଫଳରେ ଉଭୟଙ୍କୁ ଧରଣୀଧର ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ହିରୁ ସାଆନ୍ତ । ସୂଚନାଯୋଗ୍ୟ ଯେ, ହିରୁ ପ୍ରତିଦିନ ଭଳି ଗୋରୁ ଚରାଇବା ପାଇଁ ଯାଇଥିବା ବେଳେ ସୋମବାର ହଠାତ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ । ଗୁରୁତର ଅବସ୍ଥାରେ ଘରକୁ ଫେରିବା ପରେ ପରିବାର ଲୋକ ତାଙ୍କୁ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ସ୍ଥିତ ଧରଣୀଧର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ସେ ପଦ୍ମଶ୍ରୀ ଦୈତାରି ନାୟକଙ୍କ ବଡ ଜ୍ୱାଇଁ ବୋଲି ଜଣାପଡିଛି। ଶେଷରେ ଶବ ବ୍ୟବଚ୍ଛେଦ ପରେ ମୃତ ଶରୀର ନେବା ପାଇଁ ଭରସା ପରିବାରର ଲମ୍ବୋଦର ମହାନ୍ତ ସହଯୋଗର ହାତ ବଢାଇଥିଲେ। ହିରୁ ପରିବାରର ଜଣେ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାବେଳେ ତାଙ୍କର ସ୍ତ୍ରୀ, ତିନି ଝିଅ ଓ ଜଣେ ପୁଅଙ୍କୁ ପ୍ରତିପୋଷଣ କରୁଥିଲେ । ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ଓ ପୁଅ କିଛି ଆର୍ଥିକ ସହାୟତା ଦେବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି ।



ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ





# ଟ୍ରମ୍ପଙ୍କୁ ନେତାନ୍ୟାହୁଙ୍କ ଚେତାବନୀ: ମହାଶକ୍ତିର ବି ସହଯୋଗୀ ଆବଶ୍ୟକ 'ଆମେରିକା ପ୍ରଥମ' ଅର୍ଥ ନୁହେଁ 'କେବଳ ଆମେରିକା'

ତେଲ୍ ଅଭିଭ୍ : ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇ କହିଛନ୍ତି ଯେ ଅତି କ୍ଷିପ୍ର ଗତିରେ ପରିବର୍ତ୍ତନଶୀଳ ବିଶ୍ୱରେ ବୈଶ୍ୱିକ ଶକ୍ତିଗୁଡ଼ିକ ଏକାକୀ ରହିପାରିବେନି। ମହାଶକ୍ତିମାନଙ୍କର ବି ସହଯୋଗୀ ଆବଶ୍ୟକ ବୋଲି ନେତାନ୍ୟାହୁ ଗୁରୁତ୍ୱାରୋପ କରି କହିଛନ୍ତି। ଇସ୍ରାଏଲ ଏକ୍ଷେତ୍ରରେ ବିପଦକୁ ମୁକାବିଲା କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହୋଇଛି ବୋଲି ସେ କହିଛନ୍ତି। ଏକ ସାକ୍ଷାତକାରରେ ନେତାନ୍ୟାହୁ କହିଛନ୍ତି, ସୁରକ୍ଷା, ପ୍ରଯୁକ୍ତିବିଦ୍ୟା ଉନ୍ନତି ଏବଂ (ଇଣ୍ଟେଲିଜେନ୍ସ ସେୟାରିଂ) ପାଇଁ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ମଧ୍ୟ ମିତ୍ରଙ୍କ ଉପରେ ନିର୍ଭର କରନ୍ତି। 'ଆମେରିକା ପ୍ରଥମ' ମାନେ ନୁହେଁ ଯେ ଆମେରିକା ଏକାକୀ କିମ୍ବା 'କେବଳ ଆମେରିକା'। ସାଂପ୍ରତିକ ଦୃଶ୍ୟପଟରେ ସମସ୍ତରାଷ୍ଟ୍ର ସହଯୋଗୀ ଆବଶ୍ୟକ କରୁଛନ୍ତି। ମହାଶକ୍ତିର ବି ସହଯୋଗ ଆବଶ୍ୟକ। ଚୀନ୍ ଓ ରୁଷର ବି ସହଯୋଗୀ ଅଛନ୍ତି।



ରଣନୈତିକ ଲାଭ ବଜାୟ ରଖିବା ପାଇଁ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ଆମେରିକା ହୃଦ୍ ?ବୋଧ କରବା ଆବଶ୍ୟକ ବୋଲି ନେତାନ୍ୟାହୁ ଚେତାଇ ଦେଇଛନ୍ତି। ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ହମାସ୍ ଆକ୍ରମଣର ଠିକ୍ ୨ ବର୍ଷ ପରେ ନେତାନ୍ୟାହୁ ଏହି ଟିପ୍ପଣୀ ଦେଇଛନ୍ତି। ଇସ୍ରାଏଲକୁ ଏକ ଲଢୁଆ ରାଷ୍ଟ୍ର ଭାବେ ବର୍ଣ୍ଣନା କରି ନେତାନ୍ୟାହୁ କହିଛନ୍ତି, ତାଙ୍କ ଦେଶ ଦଶନ୍ଧି ଧରି ବିଦେଶୀ ସୈନ୍ୟ ନଖୋଜି ନିଜକୁ ରକ୍ଷା କରିଆସିଛି। ଆମେ ଆମେରିକୀୟଙ୍କୁ ସହଯୋଗ ମାଗୁନାହୁଁ। ଗତ ୭୭ ବର୍ଷ ଧରି ଆମେ ନିଜକୁ ରକ୍ଷା କରିବାର କାମ ବହୁତ ଭଲ ଭାବରେ କରିଛୁ ବୋଲି ନେତାନ୍ୟାହୁ କହିଛନ୍ତି। ସେ ଦାବି କରିଛନ୍ତି ଯେ ପରମାଣୁ ଯୁଦ୍ଧାସ୍ତ୍ର ବହନ କରିପାରୁଥିବା ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବିକଶିତ କରିବା ପାଇଁ ତେହେରାନର ପ୍ରୟାସ ଆଗାମୀ ଦିନରେ ଆମେରିକା ପାଇଁ ସିଧାସଳଖ ବିପଦ ସୃଷ୍ଟି କରିବ। ନେତାନ୍ୟାହୁ ଚେତାବନୀ ଦେଇ କହିଛନ୍ତି ଯେ ଇରାନ୍ ଏବେ ୮ ହଜାର କିମି ଦୂରତା ବିଶିଷ୍ଟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବିକଶିତ କରୁଛି। ଏହି କ୍ଷମତାକୁ ଆଉ ୩ ହଜାର କିମି ବଢ଼ାଇଦେଲେ ଇରାନର ପରମାଣୁ ଅସ୍ତ୍ର ନିକ୍ଷେପ କ୍ଷମତା ଅଧୀନରେ ନ୍ୟୁୟର୍କ, ୱାସିଂଟନ, ବୋଷ୍ଟନ, ମିଆମି, ମାର୍-ଏ-ଲାଗୋ ଏହାର ରେଂଜ୍‌ରେ ଆସିପାରିବ। ଉଲ୍ଲେଖଯୋଗ୍ୟ, ଇରାନର ପରମାଣୁ କ୍ଷମତା ବୃଦ୍ଧି ଏବଂ କୂଟନୈତିକ ଓ ଆର୍ଥିକ ଉପାୟରେ ତେହେରାନର ଅସ୍ତ୍ରଶସ୍ତ୍ର କାର୍ଯ୍ୟକ୍ରମକୁ ରୋକିବା ପାଇଁ ଆମେରିକାର ଜାରି ରହିଥିବା ପ୍ରୟାସକୁ ନେଇ ମଧ୍ୟପ୍ରାଚ୍ୟରେ ନୂତନ ଉତ୍ତେଜନା ମଧ୍ୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କର ଏହି ମନ୍ତବ୍ୟ ଆସିଛି।

# ବିହାରରେ ନିର୍ବାଚନ ପାଇଁ ମୁତୟନ ହୋଇପାରନ୍ତି ୧ ଲକ୍ଷ କେନ୍ଦ୍ରୀୟ ଯବାନ

ନୂଆଦିଲ୍ଲୀ: ବିହାରରେ ନିରପେକ୍ଷ, ଶାନ୍ତିପୂର୍ଣ୍ଣ ଏବଂ ସୁରକ୍ଷିତ ବିଧାନସଭା ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ପ୍ରାୟ ୧୦୦,୦୦୦ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ଉଇଚର) କର୍ମଚାରୀଙ୍କୁ ନିୟୋଜିତ କରାଯାଇପାରେ। ମଙ୍ଗଳବାର ଦିନ ଅଧିକାରୀମାନେ କହିଛନ୍ତି ଯେ ଏହି ଯବାନମାନେ ରାଜ୍ୟରେ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ ବିହାର ପୋଲିସ ସହିତ କାମ କରିବେ। ନିର୍ବାଚନ କମିଶନ ୨୪୩ ସଦସ୍ୟ ବିଶିଷ୍ଟ ବିହାର ବିଧାନସଭା ପାଇଁ ଦୁଇଟି ପର୍ଯ୍ୟାୟ ଭୋଟ୍ ପାଇଁ ତାରିଖ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟ ନଭେମ୍ବର ୬ ତାରିଖରେ ଅନୁଷ୍ଠିତ ହେବ, ଯେତେବେଳେ ଦ୍ୱିତୀୟ ପର୍ଯ୍ୟାୟ ନଭେମ୍ବର ୧୧ ତାରିଖରେ ଅନୁଷ୍ଠିତ ହେବ।

ବିହାର ବିଧାନସଭା ନିର୍ବାଚନ ପାଇଁ ଭୋଟଗଣନା ନଭେମ୍ବର ୧୪ରେ ଅନୁଷ୍ଠିତ ହେବ। ରିପୋର୍ଟ ଅନୁଯାୟୀ, ସୁରକ୍ଷା ପାଇଁ ପ୍ରାୟ ୫୦୦ ସିଆରପିଏଫ କମ୍ପାନୀ ବିହାରରେ ପହଞ୍ଚି ସାରିଛନ୍ତି। ଜଣେ ଅଧିକାରୀ



କହିଛନ୍ତି ଯେ ନିର୍ବାଚନ କମିଶନ ଏବଂ ଗୃହ ମନ୍ତ୍ରଣାଳୟର ଚୂଡ଼ାନ୍ତ ଅନୁମୋଦନ ପରେ ଏହି ସଂଖ୍ୟା ୧୨୦୦ କମ୍ପାନୀକୁ ବୃଦ୍ଧି ପାଇପାରେ। ଗୋଟିଏ ସିଆରପିଏଫ କମ୍ପାନୀରେ ପ୍ରାୟ ୭୦-୮୦ ଯବାନ ଥାଆନ୍ତି । ତେଣୁ, ବିହାର ବିଧାନସଭା ନିର୍ବାଚନ ସମୟରେ ପ୍ରାୟ ୧୦୦୦୦୦ କେନ୍ଦ୍ରୀୟ ବାହିନୀ କର୍ମଚାରୀଙ୍କୁ ନିୟୋଜିତ କରାଯାଇପାରେ। ଏହି କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ସଶସ୍ତ୍ର ସୀମା ବଳ (ଝଝଈ) ରୁ ହେବେ। ଏହା ସହିତ, କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ଉଜଚର), ସୀମା ସୁରକ୍ଷା ଫୋର୍ସ (ଈଝର), ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ (ଓଝଈଚ), କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ଫୋର୍ସ (ଉଓଝର), ଏବଂ ରେଳ ସୁରକ୍ଷା ଫୋର୍ସ (ଜଚର) ର କର୍ମଚାରୀମାନଙ୍କୁ ମଧ୍ୟ ନିୟୋଜିତ କରାଯିବ। ଏହା ଉଲ୍ଲେଖନୀୟ ଯେ ବିହାର ସରକାର ନିର୍ବାଚନ କମିଶନଙ୍କଠାରୁ ୧୮୦୦ କମ୍ପାନୀ ଅନୁରୋଧ କରିଥିଲା। ଜଣେ ସିଆରପିଏଫ ଅଧିକାରୀ କହିଛନ୍ତି, 'ପ୍ରତ୍ୟେକ ମତଦାନ କେନ୍ଦ୍ରରେ କଡ଼ା ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମେ ବିହାର ପୋଲିସ ସହିତ କାମ କରିବୁ। ଆମର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଭୋଟର ଯେପରି ଭୟଭୀତ ନ ହୋଇ ସେମାନଙ୍କର ଭୋଟ ଦେଇପାରିବେ ତାହା ନିଶ୍ଚିତ କରିବା।'

# ଦିଲ୍ଲୀର ପୂର୍ବ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜିରୱାଲଙ୍କୁ ମିଳିଲା ସରକାରୀ ବାସଭବନ



ନୂଆଦିଲ୍ଲୀ : ମୁଖ୍ୟମନ୍ତ୍ରୀ ବାସଭାବନ ଛାଡିବାର ଗୋଟିଏ ବର୍ଷ ପରେ ମଧ ଆମ୍ ଆଦମୀ ପାର୍ଟିର ପ୍ରମୁଖ କିମ୍ବା ଦିଲ୍ଲୀର ପୂର୍ବ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜିରୱାଲଙ୍କୁ ଶେଷରେ ଏକ ନୂଆ ସରକାରୀ ବାସଭବନ ମିଳିଛି । ଦିଲ୍ଲୀ ହାଇକୋର୍ଟରେ ଏକ ଶୁଣାଣି ପରେ ଏହି ନିଷ୍ପତ୍ତି ଆସିଛି । ଯେଉଁଠାରେ ସେ ଜଣେ ରାଜନୈତିକ ଦଳର ଜାତୀୟ ସଭାପତି ଭାବରେ ବାସଭବନ ପାଇଁ ଅନୁରୋଧ କରିଥିଲେ । ସୂଚନାନୁଯାୟୀ, ଗୋଟିଏ ବର୍ଷର ଅପେକ୍ଷା ପରେ ଶେଷରେ ଗତକାଲି କେନ୍ଦ୍ର ସରକାର ବାସଭବନ ଆବଣ୍ଟନ ଘୋଷଣା କରିଛନ୍ତି । ଆମ ଆଦମୀ ପାର୍ଟି ନେତା ବାସଭବନକୁ ଯାଇ ଯାଞ୍ଚ କରିଥିବା ସୂଚନା ମିଳିଛି । ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ, ଅରବିନ୍ଦ କେଜିରୱାଲ ତାଙ୍କ ସାଂସଦ ସଞ୍ଜୟ ସିଂହଙ୍କ ସରକାରୀ ବାସଭବନରେ ରହୁଥିଲେ । ଏହି ମାମଲାକୁ ନେଇ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ଅରବିନ୍ଦ କେଜିରୱାଲ । ସରକାରୀ ବାସଭବନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ଯାହା ଏବେ ପୂରଣ ହୋଇଛି । କେଜରିୱାଲଙ୍କ ନୂତନ ବାସଭବନ, ଯାହା ପ୍ରାୟ ୫ହଜାର ବର୍ଗଫୁଟ ପରିମିତ, ଦୁଇ ପାର୍ଶ୍ୱରେ ଲନ୍ ସମେତ ଏକ ଅଫିସ୍ ରହିଛି । ଅନ୍ୟପଟେ ଯଦି କେଜିରୱାଲଙ୍କ ଇସ୍ତଫା ଦେବା ପର କଥା କୁହାଯାଏ ତେବେ ତାଙ୍କର ସ୍ଥାୟୀ ସରକାରୀ ବାସଭବନ ନଥିଲା । ଫ୍ଲାଗଷ୍ଟାଫ୍ ରୋଡରେ ଥିବା ତାଙ୍କ ସରକାରୀ ବାସଭବନ ଛାଡିବା ପରେ, ସେ ଅସ୍ଥାୟୀ ଭାବରେ ପଞ୍ଜାବର ଆପ ରାଜ୍ୟସଭା ସାଂସଦ ଅଶୋକ ମିତ୍ତଲଙ୍କ ୫, ଫିରୋଜଶାହା ରୋଡରେ ଥିବା ଘରେ ରହିଥିଲେ । ଏହାରି ମଧ୍ୟରେ ଦିଲ୍ଲୀ ସରକାର କେନ୍ଦ୍ରରେ ଥିବା ବଙ୍ଗଳାକୁ ଏକ କ୍ୟାଣ୍ଟିନ୍ ସହିତ ଏକ ରାଜ୍ୟ ଅତିଥି ଗୃହରେ ପରିଣତ କରିବାକୁ ଯୋଜନା କରୁଛନ୍ତି । ଯାହା କେଜରିୱାଲ ମୁଖ୍ୟମନ୍ତ୍ରୀ ଥିବା ସମୟରେ ତାଙ୍କ ପାଇଁ ପୁନଃନିର୍ମିତ କରାଯାଇଥିଲା । ଏଥି ସହ ସିଭିଲ୍ ଲାଇନ୍ସର ଫ୍ଲାଗଷ୍ଟାଫ୍ ରୋଡରେ ଥିବା ବଙ୍ଗଳା ନମ୍ବର ୬ ସହରରେ ଖାଦ୍ୟ ପରିବେଷଣ କରୁଥିବା ଏକ କ୍ୟାଣ୍ଟିନ୍ ରହିବ । ଯାହାର ସୁବିଧା ସାଧାରଣ ଲୋକଙ୍କ ପାଇଁ କରାଯିବ ।

# ପକ୍ଷୀ ମାଡ଼ ହେବା ପରେ ଜରୁରୀ ଅବତରଣ କଲା ଏୟାର ଇଣ୍ଡିଆ ବିମାନ

ଚେନ୍ନାଇ : ଟଳିଗଲା ବଡ଼ ବିମାନ ଦୁର୍ଘଟଣା । ଅଳ୍ପକେ ବର୍ତ୍ତିଗଲେ ଯାତ୍ରୀ । ପୁଣି ଏୟାର ଇଣ୍ଡିଆ ବିମାନ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି । କଲମ୍ବୋରୁ ଚେନ୍ନାଇ ଯାଉଥିବା ଏକ ଏୟାର ଇଣ୍ଡିଆ ବିମାନରେ ପକ୍ଷୀ ମାଡ଼ ହୋଇଥିଲା । ଫଳରେ ବିମାନଟି ଯାତ୍ରା ରଦ୍ଦ କରି ଜରୁରୀ ଅବତରଣ କରିଥିଲା । ବିମାନରେ ୧୫୮ ଯାତ୍ରୀ ଥିଲେ । ସେହିପରି ଦିଲ୍ଲୀରୁ ପ୍ରୟାଗରାଜ ଯାଉଥିବା ଇଣ୍ଡିଗୋ ବିମାନକୁ ଲକ୍ଷ୍ନୌ ପାଇଁ ଡାଇଭର୍ଟ କରାଯାଇଥିଲା । ଖବର ମୁତାବକ, ଏୟାର ଇଣ୍ଡିଆର ଚେନ୍ନାଇରୁ କଲମ୍ବୋ ଯାଉଥିବା ବିମାନ ଇଓ-୨୭୩ (ଇ୩୨୦ ଠଞ-ଝଘଐ) ରେ ଏକ ପକ୍ଷୀ ମାଡ଼ ହୋଇଥିଲା । ଫଳରେ ବିମାନଟି ରାତି ୧.୫୫ ମିନିଟ ରେ କଲମ୍ବୋ ଏୟାରପୋର୍ଟରେ ଏମରଜେନ୍ସୀ ଲାଣ୍ଡିଂ କରିଥିଲା । ଜରୁରୀ ଅବତରଣ କରିବା ପରେ ବିମାନକୁ ଉଡ଼ାଣ ପାଇଁ ଅନୁମତି ଦିଆଯାଇଥିଲା କିନ୍ତୁ ବିମାନଟି ଉଡ଼ାଣ ଭରିନଥିଲା । ଏହାପରେ ସକାଳ




୪.୩୪ ସମରେ କଲମ୍ବୋରୁ ଚେନ୍ନାଇ ଆସିବା ପରେ ଟେକ୍ନିକାଲ ଟିମ୍ ଯାଞ୍ଚ କରିବା ପରେ ଏକ ଫ୍ୟାନ୍ ବ୍ଲେଡ ଜାମ୍ ବୋଲି ଦେଖିବାକୁ ପାଇଥିଲେ । ଏହାପରେ ବିମାନକୁ ଗ୍ରାଉଣ୍ଡ କରାଯିବା ପରେ ସଂପୂର୍ଣ୍ଣ ଭାବେ ଯାଞ୍ଚ କରିବା ପରେ ବ୍ୟବହାର କରାଯିବ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଉଛି । ସେହିପରି ଆଉ ଏକ ଇଣ୍ଡିଗୋ ବିମାନ ଲକ୍ଷ୍ନୌକୁ ଡାଇଭର୍ଟ କରାଯାଇଛି । ଏହା ଦିଲ୍ଲୀରୁ ପ୍ରୟାଗରାଜ ଯାଉଥିଲା । କିନ୍ତୁ ଭାରତୀୟ ବାୟୁସେନାର ଏକ୍ସରସାଇଜ ଯୋଗୁଁ ଲକ୍ଷ୍ନୌକୁ ଡାଇଭର୍ଟ କରାଯାଇଥିଲା ।

ସୂଚନାଯୋଗ୍ୟ, ଜୁନ୍ ୧୨ ତାରିଖରେ ଏକ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ବିମାନଟି ଲଣ୍ଡନ ଯାଉଥିଲା । ବିମାନରେ ଥିବା ୧୪୨ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୪୧ ଜଣଙ୍କ ଜୀବନ ଚାଲିଯାଇଥିଲା ।

# ହରିୟାଣା ଏଡିଜିପି ୱାଇ. ପୁରନ କୁମାରଙ୍କ ମୃତ୍ୟୁ

ହରିୟାଣା : ହରିୟାଣା ପୁଲିସ ମହାନିରୀକ୍ଷକ (ଆଇଜିପି) ୱାଇ ପୁରନ କୁମାରଙ୍କୁ ଚଣ୍ଡିଗଡ଼ର ସେକ୍ଟର ୧୧ ସ୍ଥିତ ତାଙ୍କ ଘରେ ଗୁଳି ବାଜିଥିବା ଅବସ୍ଥାରେ ମୃତଦେହ ମିଳିଥିଲା । କେନ୍ଦ୍ରୀୟ ଫୋରେନସିକ୍ ସାଇନ୍ସ ଲାବୋରେଟୋରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛି ଏବଂ ତଦନ୍ତ ଚଲାଇଛି । ଘଟଣା ସମୟରେ କୁମାରଙ୍କ ପତ୍ନୀ ତଥା ହରିୟାଣାର ବରିଷ୍ଠ ଆଇଏଏସ୍ ଅଧିକାରୀ ଅମନୀତ ପି କୁମାର ଘରେ ନଥିଲେ । ବର୍ତ୍ତମାନ ସେ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନିଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳର ଅଂଶ ଭାବରେ ଜାପାନରେ ଅଛନ୍ତି । ସେ ବୁଧବାର ସକାଳେ ଚଣ୍ଡିଗଡ଼ରେ ପହଞ୍ଚିବେ ବୋଲି ଆଶା କରାଯାଉଛି । ପୁଲିସ କହିଛି ଯେ ପୂରଣ କୁମାର ତାଙ୍କ ସର୍ଭିସ୍ ରିଭଲଭରରେ ନିଜକୁ ଗୁଳି କରିଥିବା ଅଭିଯୋଗ ହୋଇଛି ଏବଂ ମୃତଦେହ ପ୍ରଥମେ ତାଙ୍କ ଝିଅ ବେସମେଣ୍ଟରେ ଦେଖିବାକୁ ପାଇଥିଲେ ।

# ଇଟାଲୀରେ ଟ୍ରକ ସହ କାର ଧକ୍କା, ୪ ଭାରତୀୟଙ୍କ ମୃତ୍ୟୁ

ଇଟାଲୀ: ଇଟାଲୀର ମାଟେରାରେ ଏକ ସଡ଼କ ଦୁର୍ଘଟଣାରେ ଚାରି ଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଛି । ରୋମରେ ଥିବା ଭାରତୀୟ ଦୂତାବାସ ସୋମବାର ଏହି ଘଟଣା ବିଷୟରେ ସୂଚନା ଦେଇଛି । ସୂଚନା ଦେଇ ଇଟାଲୀୟ ସମାଚାର ଏଜେନ୍ସି ଇଘଝଇ ରିପୋର୍ଟ କରିଛି ଯେ ଆଗ୍ରି ଭ୍ୟାଲିର ମାଟେରାର ସ୍କାନଜାନୋ ଜୋନିକୋ ମ୍ୟୁନିସିପାଲିଟି ଅଞ୍ଚଳରେ କାରଟି ଏକ ଟ୍ରକ ସହିତ ଧକ୍କା ହେବା ଫଳରେ ଦୁର୍ଘଟଣା ଘଟିଥିଲା । ମୃତକମାନେ ହେଲେ ମନୋଜ କୁମାର, ସୁରଜିତ ସିଂହ, ହରବିନ୍ଦର ସିଂହ ଏବଂ ଜସକରଣ ସିଂହ ବୋଲି ଏକ ଏଜେନ୍ସି ରିପୋର୍ଟ କରିଛି । "ଦକ୍ଷିଣ ଇଟାଲୀର ମାଟେରାରେ ଏକ ସଡ଼କ ଦୁର୍ଘଟଣାରେ ଚାରି ଜଣ ଭାରତୀୟ ନାଗରିକଙ୍କ ଦୁଃଖଦ ମୃତ୍ୟୁ ପାଇଁ ଭାରତୀୟ ଦୂତାବାସ ଗଭୀର ଶୋକ ପ୍ରକାଶ କରୁଛି, ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଭାରତୀୟ ଦୂତାବାସ କହିଛି । ଏଥିସହ ଭାରତୀୟ ଦୂତାବାସ କହିଛି, ବିବରଣୀ ପାଇବା ପାଇଁ ଆମେ ସ୍ଥାନୀୟ ଇଟାଲୀୟ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ଅଛୁ । ଦୂତାବାସ ସମ୍ପୃକ୍ତ ପରିବାରକୁ ସମସ୍ତ ସମ୍ଭାବ୍ୟ କନସୁଲାର ସହାୟତା ଯୋଗାଇବ । ଇଘଝଇ ରିପୋର୍ଟ କରିଛି ଯେ ଆହତମାନଙ୍କ ମଧ୍ୟରୁ ପାଞ୍ଚ ଜଣଙ୍କୁ ପୋଲିକୋରୋ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି, ଯେତେବେଳେ ଷଷ୍ଠ ଜଣଙ୍କୁ, ଯିଏ ଗୁରୁତର ଭାବରେ ଆହତ ହୋଇଥିଲେ, ପୋଟେଞ୍ଜାର ସାନ କାର୍ଲୋ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

# ବାଉଳାରେ ମୋଦୀଙ୍କୁ ଧମକ ଦେଲା ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ସୈଫୁଲ୍ଲା

ନୂଆଦିଲ୍ଲୀ: ପାକିସ୍ତାନ ସ୍ଥିତ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା (ଖରଞ୍ଜ)ର ଉପମୁଖ୍ୟ ଏବଂ ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ସୈଫୁଲ୍ଲା କସୁରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧମକ ଦେଇ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରିଛି । ଭାଇରାଲ କ୍ଲିପରେ ସୈଫୁଲ୍ଲା ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ପ୍ରଶଂସା କରିଛି। ଆତଙ୍କବାଦୀ ସୈଫୁଲ୍ଲା କସୁରୀକୁ ସେପ୍ଟେମ୍ବର ୪ ରେ ବରିଷ୍ଠ ପାକିସ୍ତାନୀ ସେନା ଅଧିକାରୀଙ୍କ ସହିତ ମଧ୍ୟ ଦେଖାଯାଇଥିଲା। ଆତଙ୍କବାଦୀ ସୈଫୁଲ୍ଲା କହିଛି, 'ମୁଁ ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କୁ ଅନୁରୋଧ କରୁଛି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମେ ମେ ୧୦, ୨୦୨୫ରେ ଯେଉଁ ଶିକ୍ଷା ଦେଇଥିଲୁ, ସେହି ଶିକ୍ଷା ଦିଅନ୍ତୁ।' ତଥାପି, ସମଗ୍ର ବିଶ୍ୱ ଜାଣେ ଯେ ମେ ୧୦ ରାତିରେ ଭାରତୀୟ ସେନା ପାକିସ୍ତାନରେ ଏପରି ତାଣ୍ଡବ ରଚିଥିଲା ଯାହାକୁ ପାକିସ୍ତାନ କେବେ ଭୁଲିପାରିବ ନାହିଁ। ପାକିସ୍ତାନ ପ୍ରଧାନମନ୍ତ୍ରୀ ତାଙ୍କ ଲୋକଙ୍କୁ ଖୁସି କରିବା ପାଇଁ ଭାରତ ବିପକ୍ଷରେ ବିଜୟର ମିଥ୍ୟା ଖବର ପ୍ରସାରଣ କରିଥିଲେ।

# ହିମାଚଳରେ ବଡ଼ ଅଘଟଣ: ଅତଡ଼ା ଧସି ପୋତି ହୋଇଗଲା ବସ୍, ୧୮ ମୃତ, ଅନେକ ଫସିଛନ୍ତି



# ପାକିସ୍ତାନର କ୍ୱେଟାରେ ଜାଫର ଏକ୍ସପ୍ରେସରେ ବୋମା ବିସ୍ଫୋରଣ

ପାକିସ୍ତାନ : ପାକିସ୍ତାନର କ୍ୱେଟାରେ ଜାଫର ଏକ୍ସପ୍ରେସକୁ ପୁଣି ଥରେ ଟାର୍ଗେଟ୍ କରାଯାଇଛି । ବର୍ତ୍ତମାନ ଟ୍ରେନକୁ ଟାର୍ଗେଟ୍ କରି ବୋମା ବିସ୍ଫୋରଣ କରାଯାଇଛି । ଏହି ଆକ୍ରମଣରେ ଟ୍ରେନ୍ ଲାଇନଚ୍ୟୁତ ହେବା ସହ ସାତ ଜଣ ଆହତ ହୋଇଛନ୍ତି । ଏହି ଆକ୍ରମଣ ପାଇଁ ବଲୁଚ୍ ବିଦ୍ରୋହୀ ଗୋଷ୍ଠୀ ବଲୁଚ୍ ରିପବ୍ଲିକାନ୍ ଗାର୍ଡସକୁ ଦୋଷୀ ବୋଲି ଦାବି କରିଛି । ଟ୍ରେନଟି ପେଶାୱର ଅଭିମୁଖେ ଯାଉଥିବା ସମୟରେ ଏହାକୁ ଟାର୍ଗେଟ କରାଯାଇଥିଲା ବୋଲି ସୂଚନା ମିଳିଛି । ଆକ୍ରମଣ ପରେ ଘଟଣାସ୍ଥଳକୁ ସୁରକ୍ଷା ବାହିନୀ ଏବଂ ପୋଲିସ ଘେରାବନ୍ଦୀ କରିନେଇଛି । ଟ୍ରେନ୍ ଟ୍ରାକଗୁଡିକୁ ଯାଞ୍ଚ କରିବା ପାଇଁ ବୋମା ନିଷ୍କ୍ରିୟକାରୀଙ୍କୁ ନିୟୋଜିତ



କରାଯାଇଛି । ସୂଚନାନୁଯାୟୀ, ଏହି ଆକ୍ରମଣ ପାଇଁ ବଲୁଚ୍ ରିପବ୍ଲିକାନ୍ ଗାର୍ଡସ ଦାୟୀ ବୋଲି ବଲୁଚ୍ ରିପର୍ବ୍ଲିକାନ୍ ଗାର୍ଡସର ଜଣେ ମୁଖପାତ୍ର ଏକ ପ୍ରେସ୍ ମିଟ୍ ଜାରି କରି କହିଛନ୍ତି । ଏହା ସହିତ ସେମାନେ କହିଥିଲେ ଯେ, ଆଜି ସେମାନେ ଶିକାରପୁର ଏବଂ ଜାକୋବାବାଦ ମଧ୍ୟରେ ଥିବା ସୁଲତାନ କୋଟରେ ଏକ ରିମୋଟ୍ କଣ୍ଟ୍ରୋଲ୍ ଓରଉ ବିସ୍ଫୋରଣ ସହିତ ଜାଫର ଏକ୍ସପ୍ରେସକୁ ଟାର୍ଗେଟ କରିଥିଲେ । ଆପଣଙ୍କୁ ଜଣାଇ ରଖୁଛୁ ଯେ, ଏହି ଆକ୍ରମଣ ପ୍ରଥମ ଥର ପାଇଁ ହୋଇନାହିଁ ବରଂ ଏହା ପୂର୍ବରୁ ଅନେକ ଥର ଜାଫର ଏକ୍ସପ୍ରେସକୁ ଟାର୍ଗେଟ୍ କରାଯାଇଛି । ପାକିସ୍ତାନୀ ସୈନିକମାନେ ଜାଫର ଏକ୍ସପ୍ରେସରେ ଯାତ୍ରା କରୁଥିବା ସମୟରେ ଆକ୍ରମଣ କରାଯାଇଥିଲା । ଯାହାଫଳରେ ଏଥିରେ ଅନେକ ସୈନିକଙ୍କ ମୃତ୍ୟୁ ହୋଇଥିଲାବେଳେ ଆହତ ମଧ୍ୟ ହୋଇଥିଲେ । ଟ୍ରେନର ୬ଟି କୋଚ୍ ଲାଇନଚ୍ୟୁତ ହୋଇଯାଇଥିଲା । ବେଲୁଚିସ୍ତାନକୁ ଯେପର୍ଯ୍ୟନ୍ତ ସ୍ୱାଧୀନତା ନମିଳିଛି ସେ ପର୍ଯ୍ୟନ୍ତ ଏହି ଆକ୍ରମଣ ଜାରି ରହିବ ବୋଲି ବଲୁଚ୍ ରିପବ୍ଲିକାନ୍ ଗାର୍ଡସ କହିଛନ୍ତି ।

ବିଳାସପୁର: ହିମାଚଳପ୍ରଦେଶର ବିଳାସପୁର ଜିଲ୍ଲାରେ ଏକ ବଡ଼ ଧରଣର ଭୂସ୍ଖଳନ ହୋଇ ଆବର୍ଜନା ଭିତରେ ବସ୍ ପୋତି ହୋଇଯିବାରୁ ୧୮ ଜଣଙ୍କର ମୃତ୍ୟୁ ଘଟିଛି। ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ପ୍ରାୟ ୧୨ ଜଣ ଯାତ୍ରୀ ଅତଡ଼ା ତଳେ ଫସି ରହିଥିବା ଜଣାପଡ଼ିଛି। ବିଳାସପୁର ଜିଲ୍ଲାର ବଲ୍ଲୁ ବ୍ରିଜ୍? ନିକଟରେ ଏକ ପର୍ବତରୁ ବିଶାଳକାୟ ଅତଡ଼ା ଧସି ଘରୋଇ ବସ୍ ଉପରେ ପଡ଼ିଥିଲା ଏବଂ ବସ୍‌ଟି ସମ୍ପୂର୍ଣ୍ଣ ପୋତି ହୋଇଯାଇଥିଲା। ଆଜି ସନ୍ଧ୍ୟା ୬.୩୦ରେ ଏହି ଭୟାବହ ଘଟଣା ଘଟିଛି। ୧୮ ଜଣଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ ପ୍ରଶାସନ ସ୍ପଷ୍ଟ କରିଥିବା ବେଳେ ୩ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣା ନେଇ ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାର ପାଇଁ 'ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି'ରୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରାଯାଇଛି। ଦୁର୍ଘଟଣା ସମୟରେ ବସ୍?ରେ କେତେ ଯାତ୍ରୀ ଥିଲେ ତାହା ସ୍ପଷ୍ଟ ହୋଇ ନଥିଲେ ମଧ୍ୟ ପ୍ରାୟ ୩୩ ଜଣ ଏହି ବସ୍?ରେ ଥିଲେ ବୋଲି ଅନୁମାନ କରାଯାଉଛି। ଦୁର୍ଘଟଣା ସମୟରେ ବସ୍?ଟି ମରୋଟାନ-କଲେ?ଲ୍? ରୁଟ୍?ରେ ଚାଲୁଥିଲା। ଖବର ପାଇ ପୁଲିସ, ଅଗ୍ନିଶମ ବିଭାଗ ଏବଂ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚିଛନ୍ତି ଏବଂ ଆବର୍ଜନା ସଫା କରି ଲୋକଙ୍କୁ ଉଦ୍ଧାର କରିବାପାଇଁ ଉଦ୍ୟମ ଜାରି ରଖିଛନ୍ତି। ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ବସ୍ ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି ଏବଂ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି ଏବଂ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଭାରତ ବିପକ୍ଷରେ ଦଳ ଘୋଷଣା କଲା ଅଷ୍ଟ୍ରେଲିଆ

# ଫେରିଲେ ଷ୍ଟାର୍କ : କମିନ୍ସ ଓ ମ୍ୟାକ୍ସୱେଲ୍ ଆଉଟ୍

ନୂଆଦିଲ୍ଲୀ,୦୭/୧୦: ଭାରତ ବିପକ୍ଷ ଦିନିକିଆ ଓ ଟି-ଟ୍ୱେଣ୍ଟି ସିରିଜ ପାଇଁ ୧୫ ଜଣିଆ ଦଳ ଘୋଷଣା କରିଛି ଅଷ୍ଟ୍ରେଟ୍ରଲିଆ । ଦିନିକିଆ ଦଳରେ ମିଚେଲ ଷ୍ଟାର୍କ କମବ୍ୟାକ କରିଛନ୍ତି। ଅକ୍ଟୋବର ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ଦଳରୁ ପ୍ୟାଟ କମିନ୍ସ ଏବଂ ଗ୍ଲେନ ମ୍ୟାକ୍ସଲେଙ୍କୁ ବାଦ ଦିଆଯାଇଛି। ଦଳର ଅଧିନାୟକ କମିନ୍ସ ଏବେ ବି ପିଠି ଆଘାତରୁ ସୁସ୍ଥ ହେଉଛନ୍ତି ।ତାଙ୍କ ସ୍ଥାନରେ ମିଚେଲ ମାର୍ଶଙ୍କୁ ଅଧିନାୟକ ଭାବରେ ନିଯୁକ୍ତ କରାଯାଇଛି। ଦଳରେ ଆଉ ଦୁଇଟି ବଡ଼ ପରିବର୍ତ୍ତନ ହୋଇଛି ।ବ୍ୟାଟ୍ସମ୍ୟାନ ମାର୍ନସ ଲାବୁଶାଗ୍ନେଙ୍କୁ ଖରାପ ଫର୍ମ ଯୋଗୁ ବାଦ ଦିଆଯାଇଛି ।ଏହା ବ୍ୟତୀତ, ଗ୍ଲେନ ମ୍ୟାକ୍ସଲେ ମଧ୍ୟ ସୁସ୍ଥ ହୋଇନାହାଁନ୍ତି ଏବଂ ତାଙ୍କୁ ଉଭୟ ଦିନିକିଆ। ଏବଂ ଟି୨୦ ଦଳରୁ ବାଦ ଦିଆଯାଇଛି ସେ ବିଗ ବ୍ୟାସ ଲିଗରେ ଫେରିବେ ବୋଲି ଆଶା କରାଯାଉଛି। ସେହିପରି ଅନକ୍ୟାପ୍ଡ ଖେଳାଳି ମ୍ୟାଥ୍ୟୁ ରେନଶ ବି ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି । ୧୯ ଅକ୍ଟୋବରରୁ ଆରମ୍ଭ ହେବ ଭାରତ-ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ଘରୋଇ ଦିନିକିଆ ସିରିଜ ।




ଦିନିକିଆ ଓ ଟି-୨୦ ସିରିଜରେ ମିଚେଲ ମାର୍ଶ ଅଧିନାୟକତ୍ୱ କରିବେ । ଆହତ ସମସ୍ୟା ପାଇଁ ପ୍ୟାଟ୍ କମିନ୍ସ ସିରିଜରୁ ବାଦ ଅଛନ୍ତି । ଗ୍ଲେନ୍ ମ୍ୟାକ୍ସୱେଲ ବି ଦଳରେ ସ୍ଥାନ ପାଇ ନାହାନ୍ତି । ଭାରତ ବିପକ୍ଷରେ ୩ଟି ଦିନିକିଆ ଓ ୫ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳିବ ଟିମ୍ ଇଣ୍ଡିଆ । କିଛି ଦିନ ତଳେ ଭାରତୀୟ ଦଳ ଘୋଷଣା ହୋଇଥିଲା । ଶୁବମନ ଗିଲଙ୍କ ନେତୃତ୍ୱରେ ଭାରତ ଦିନିକିଆ ସିରିଜ ଖେଳିବାକୁ ଥିବାବେଳେ ସୂର୍ଯ୍ୟକୁମାରଙ୍କ କ୍ୟାପ୍‌ଟେନ୍ସିଂରେ ଟି-ଟ୍ୱେଣ୍ଟି ସିରିଜ ଖେଳିବ ।

ଦିନିକିଆ ଦଳ- ମିଚେଲ ମାର୍ଶ (ଅଧିନାୟକ), ଜେବିୟର ବାର୍ଟଲେଟ , ଏଲେକ୍ସ କେରୀ, କୁପର କୋନୋଲି, ବେନ ଡ୍ୱାବସୁଇସ୍, ନାଥନ ଏଲିସି, କେମରନ ଗ୍ରୀନ, ଜୋଶ ହାଜେଲଉଡ୍, ଟ୍ରାଭିସ ହେଡ, ଜୋସ ଇଂଲିସ, ମିଚେଲ ଓୱେନ୍, ମାଥ୍ୟୁ ରେନଶ, ମାଥ୍ୟୁ ସର୍ଟ, ମିଚେଲ ଷ୍ଟାର୍କ, ଆଡାମ ଜାମ୍ପା ।

ଟି-୨୦ ଦଳ(ପ୍ରଥମ ଦୁଇ ମ୍ୟାଚ୍)- ମିଚେଲ ମାର୍ଶ (ଅଧିନାୟକ), ସିନ ଏବର୍ଟ, ଜେବିୟର ବାର୍ଟଲେଟ , ଟିମ୍ ଡେଭିଡ, ବେନ ଡ୍ୱାବସୁଇସ୍, ନାଥନ ଏଲିସ୍, ଜୋଶ ହାଜେଲଉଡ୍, ଟ୍ରାଭିସ୍ ହେଡ୍, ଜୋଶ ଇଂଲିସ୍, ମାଥ୍ୟୁ କୁହନମାନ, ମିଚେଲ ଓୱେନ୍, ମାଥ୍ୟୁ ସର୍ଟ, ମାର୍କସ୍ ଷ୍ଟୋଇନିସ୍, ଆଡାମ ଜାମ୍ପା ।

ଦିନିକିଆ ସିରିଜ କାର୍ଯ୍ୟସୂଚୀ-

ପ୍ରଥମ ଦିନିକିଆ: ଅକ୍ଟୋବର ୧୯, ପର୍ଥ। ଦ୍ୱିତୀୟ ଦିନିକିଆ: ଅକ୍ଟୋବର ୨୩, ଆଡିଲେଡ୍ ।ତୃତୀୟ ଦିନିକିଆ: ଅକ୍ଟୋବର ୨୫, ସିଡନୀ। ଟି-୨୦ ସିରିଜ୍ ସୂଚୀ।

ପ୍ରଥମ ଟି-୨୦ - ଅକ୍ଟୋବର ୨୯, କାନବେରା। ଦ୍ୱିତୀୟ ଟି-୨୦ - ଅକ୍ଟୋବର ୩୧, ମେଲବୋର୍ଣ୍ଣ

ତୃତୀୟ ଟି-୨୦ - ନଭେମ୍ବର ୨, ହୋବାର୍ଟ।

ଚତୁର୍ଥ ଟି-୨୦ - ନଭେମ୍ବର ୬, ଗୋଲ୍ଡ କୋଷ୍ଟ

ପଞ୍ଚମ ଟି-୨୦ - ନଭେମ୍ବର ୮, ବ୍ରିସବେନ୍

## ଜାତୀୟ ଜୁ-ଜିତ୍ସୁ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଘୋଷଣା

ଭୁବନେଶ୍ୱର: ଉତ୍ତରପ୍ରଦେଶର ସାହାରନପୁରସ୍ଥିତ ବିଆର୍ ଆମ୍ବେଦକର ଇନଡୋର ସ୍ପୋର୍ଟସ କଂପ୍ଲେକ୍ସଠାରେ ଚଳିତ ଅକ୍ଟୋବର ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଜାତୀୟ ୨୧ବର୍ଷରୁ କମ୍ ଓ ବରିଷ୍ଠ ଜୁ-ଜିତ୍ସୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ୩୫ଜଣିଆ। ଓଡ଼ିଶା ଦଳ ସେଠାକୁ ଯାତ୍ରା କରିଛି। ଏଥିରେ ୨୭ଜଣ ପୁରୁଷ ଏବଂ ୮ଜଣ ମହିଳା ଖେଳାଳି ଅଛନ୍ତି ଓଡ଼ିଶା ପୁରୁଷ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସୁମନ୍ତ ସାହୁ, ଅମରେଶ ସ୍ୱାଇଁ, ଉମାକାନ୍ତ ଦାସ, ସିଦ୍ଧାର୍ଥ ମହନ୍ତ, ରଞ୍ଜନ ମଙ୍ଗରାଜ, ଦେବାଶିଷ ସାମନ୍ତରାୟ, ସ୍ୱରାଜ ଯାନୀ, ରାଧାକାନ୍ତ ସେଠୀ, ନିଶାନ୍ତ ଧରୁଆ, ସନ୍ତୋଷ ସିଂହ, ଅକ୍ଷୟ କୁମାର କାହାଳୀ, ସିଦ୍ଧାନ୍ତ ବେହେରା, କାହ୍ନା ସାହୁ, ମିର୍ଜା ତାହିର ବେଗ, ଅମିତାଭ ନାୟକ, ସମରେଶ ସାହୁ, କାମେଶ ମହାପାତ୍ର, ସିଦ୍ଧାର୍ଥ ଭୂୟାଁ, କ୍ଷିତୀଶ ବଞ୍ଜୋଇ, ତନ୍ମେଷ ଲେଙ୍କା, ଅନିଲ ପ୍ରଧାନ, ଦୀପକ ଗେଡ଼, ସନ୍ଦୀପ ବେହେରା, ସୋନୁ କୁମାର, ଲିଙ୍କନ ବିଶ୍ୱାଳ, ଓମ୍ ପ୍ରଧାନ, ଦାସ ରେବତୀ ରମଣ। ମହିଳା: ରୋଜାଲିନ ଜେନା, ଅନୁପମା ସ୍ୱାଇଁ, ନିରୁପମା ସ୍ୱାଇଁ, ଅଜିଜା ବେଗମ, ରୋଜାଲିନ ପାଲ, ବିଦ୍ୟା ପ୍ରୁଷ୍ଟି, ପ୍ରିୟଦର୍ଶିନୀ ଘଡ଼ୁଆରୀ, ପଲକ ପ୍ରିୟଦର୍ଶିନୀ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ରଣଜୀ ଅଧିନାୟକ ଶୁଭ୍ରାଂଶୁ

ଭୁବନେଶ୍ୱର,୭।୧୦: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଶିଷ୍ଟ ଓଡ଼ିଆ କ୍ରିକେଟ୍ ଖେଳାଳି ତଥା ରଣଜୀ ଅଧିନାୟକ ଶୁଭ୍ରାଂଶୁ ସେନାପତି ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କର ଉଚ୍ଚ ପ୍ରଶଂସା କରିବା ସହ ଆଗାମୀ ଦିନରେ ଶୁଭ୍ରାଂଶୁ ଓଡ଼ିଶା ତଥା ଦେଶ ପାଇଁ ଗୌରବ ଆଣନ୍ତୁ ବୋଲି ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ଥାଉକି ରଣଜୀ ମ୍ୟାଚ୍ ପାଇଁ ୧୫ଜଣିଆ ଟିମ ଘୋଷଣା କରିଥିଲା ଓଡିଶା କ୍ରିକେଟ ଆସୋସିଏସନ୍ । ଶୁଭ୍ରାଂଶୁ ସେନାପତି ଦଳର ଅଧିନାୟକ ଚୟନ ହୋଇଛନ୍ତି । ଘୋଷଣା ହୋଇଥିବା ଟିମ୍‌ରେ ରହିଛନ୍ତି ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପଅଧିନାୟକ), ଗେରବ ଚେଧୁରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ (ୱିକେଟ୍‌କିପର), ରାଜେଶ ଧୂପର (ୱିକେଟ୍‌କିପର), ଅନିଲ



ପରିଡା, ସମ୍ବିତ ଏସ୍ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତାରିଣୀ ସା, ତାପସ ଦାସ। ସେହିଭଳି ଷ୍ଟାଣ୍ଡବାଏ ଖେଳାଳି ଭାବରେ ରହିଛନ୍ତି ଶାନ୍ତନୁ ମିଶ୍ର, ବିପ୍ଳବ ସାମନ୍ତରାୟ, ସେରଭ ଗେଡ, ପ୍ରଶାନ୍ତ ରଣା ଏବଂ କାର୍ତ୍ତିକ ବିଶ୍ୱାଳ। ସୂଚନାଥାଉକି, ଚଳିତ ମାସ ୧୫ ତାରିଖରୁ ଓଡିଶା ଏହାର ରଣଜୀ ଅଭିଯାନ ଆରମ୍ଭ କରିବ। ଏହି ସିଜିନରେ ମୋଟ ୭ଟି ମ୍ୟାଚ୍ ଖେଳିବ ଓଡ଼ିଶା । ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱରେ ଓଡିଶା ଟିମ୍ ପଡିଆକୁ ଓହ୍ଲାଇବ ।ପ୍ରଥମ ମ୍ୟାଚ୍‌ରେ ବରୋଦାକୁ ଭେଟିବାକୁ ଯାଉଥିବାବେଳେ, ଏହାପରେ ମଧ୍ୟପ୍ରଦେଶ, ଜମ୍ମୁ କାଶ୍ମୀର, ଉତ୍ତର ପ୍ରଦେଶ, ଆନ୍ଧ୍ର ପ୍ରଦେଶ, ବିଦର୍ଭ, ନାଗାଲାଣ୍ଡ, ତାମିଲନାଡୁ ଓ ଝାଡ଼ଖଣ୍ଡ ସହ ମ୍ୟାଚ୍ ରହିଛି।

## ଭଉଣୀଙ୍କୁ ଉପହାର ଦେଲେ ରିଙ୍କୁ ସିଂ

ଲକ୍ଷ୍ନୌ,୭।୧୦: ଏସିଆ। କପ୍ କ୍ରିକେଟ ଟୁର୍ନାମେଣ୍ଟ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ରିଙ୍କୁ ସିଂ ତାଙ୍କ ଭଉଣୀ ନେହାକୁ ଏକ ନୂଆ ଇଲେକ୍ଟ୍ରିକ୍ ସ୍କୁଟି ଉପହାରରେ ଦେଇଛନ୍ତି। ଏ ନେଇ ସୋସିଆଲ ମିଡିଆରେ ଫଟୋ ଶେୟାର କରି ରିଙ୍କୁଙ୍କ ଭଉଣୀ ନେହା ଏହି ସୂଚନା ଦେଇଛନ୍ତି।




ଫଟୋରେ ସ୍କୁଟି ସହିତ ନେହା ଓ ରିଙ୍କୁ ରହିଛନ୍ତି ଏଥିପୂର୍ବରୁ ରିଙ୍କୁ ଗତ ନଭେମ୍ବରରେ ଅଲିଗଡ଼ରେ ଏକ ବିଳାସପୂର୍ଣ୍ଣ ୩ ତାଲା ବାଙ୍ଗଲୋ କିଣିଥିଲେ, ଯାହାର ନାମ ତାଙ୍କ ମାଙ୍କ ନାମରେ ରଖିଛନ୍ତି। ଏହାର ଆନୁମାନିକ ମୂଲ୍ୟ ୩.୫ କୋଟି ଟଙ୍କା । ଉଲ୍ଲେଖଯୋଗ୍ୟ, ଗତ ମାସରେ ଅନୁଷ୍ଠିତ ଏସିଆ। କପ୍‌ରେ ପାକିସ୍ତାନ ବିପକ୍ଷ ଫାଇନାଲରେ ରିଙ୍କୁ ଚୌକା ମାରି ଭାରତକୁ ବିଜୟ କରାଇଥିଲେ।

## ମହିଳା ଦିନିକିଆ ବିଶ୍ୱକପ୍: ନ୍ୟୁଜିଲାଣ୍ଡକୁ ହରାଇଲା ଦ. ଆଫ୍ରିକା

ଇନ୍‌ଦୋର, ୦୭/୧୦: ଚଳିତ ମହିଳା ଦିନିକିଆ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ବିଜୟ ଖାତା ଖୋଲିଛି । ସୋମବାର ଅନୁଷ୍ଠିତ ସପ୍ତମ ଲିଗ୍ ମ୍ୟାଚ୍‌ରେ ଦଳ ୬ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା । ବାମ ହାତି ସ୍ପିନର ନନ୍‌କୁଲୁଲେକୋ ମ୍ଲାବାଙ୍କ ଘାତକ ବୋଲିଂ ସାଙ୍ଗକୁ ଓପନର ତାଜମିନ ବ୍ରିଟ୍ସଙ୍କ ଶତକ ଓ ସୁନି ଲସ୍‌ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଦଳର ବିଜୟ ସହଜ ହୋଇଥିଲା । ସପ୍ତମ ଦିନିକିଆ ଶତକ ଅର୍ଜନ କରିଥିବା ତାଜ୍‌ମିନ ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲା ।

ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୧୦ ୱିକେଟରେ ଶୋଚନୀୟ ଭାବେ ପରାଜିତ ହୋଇଥିଲା । ଏହି ମ୍ୟାଚ୍‌ରେ ଦଳ ମାତ୍ର ୬୯ରନ୍‌ରେ ଅଲଆଉଟ୍ ହୋଇଥିଲା । ମାତ୍ର ସୋମବାର ନ୍ୟୁଜିଲାଣ୍ଡ ବିପକ୍ଷରେ ଦଳ ସବୁ ବିଭାଗରେ ଚମକପ୍ରଦ ପ୍ରଦର୍ଶନ ସହ ପଏଣ୍ଟ ଖାତା ଖୋଲିଛି । ଟସ୍ ଜିତି ନ୍ୟୁଜିଲାଣ୍ଡ ବ୍ୟାଟିଂ କରି ୪୭.୫ ଓଭରରେ ୨୩୧ରନ୍ କରି




ଅଲଆଉଟ୍ ହୋଇଥିଲା । ପ୍ରଥମ ମହିଳା ବ୍ୟାଟର ଭାବେ ୩୫୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଓପନର ସୁଜି ବେଟ୍ସ ଆଜି ଖାତା ଖୋଲି ପାରିନଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜର୍ଜିଆ ପ୍ଲିମର ୩୧, ଆମେଲିଆ କେର ୨୩, ଅଧିନାୟିକା ସୋଫି ଡିଭାଇନ୍ ୮୫ (୯ଚୌକା), ବ୍ରୁକ ହାଲିଡେ ୪୫ (୬ଚୌକା) ରନ୍ ସଂଗ୍ରହ କରିଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ ମ୍ଲାବା ୪୦ରନ୍ ପ୍ରଦାନ କରି ୪ଟି ୱିକେଟ୍ ଅକ୍ତିଆର କରିଥିଲେ ।

୨୩୨ରନ୍ ବିଜୟ ଲକ୍ଷ୍ୟର ପିଛା କରି ଦକ୍ଷିଣ ଆଫ୍ରିକା ୫୫ଟି ବଲ୍ ବାକି ଥାଇ ୪ ୱିକେଟ୍ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା । ଅଧିନାୟିକା ଲାଉରା ଉଲଭାର୍ଟ (୧୪) ସହଳ ପାଭିଲିୟନ ଫେରିଥିଲେ । ମାତ୍ର ଅନ୍ୟ ଓପନର ତାଜମିନ୍‌ଙ୍କ ସହ ମିଶି ଲସ୍ ଦୃ ବ୍ୟାଟିଂ କରିଥିଲେ । ତାଜମିନ ୮୭ଟି ବଲ୍‌ରେ ଶତକ ପୂରଣ କରିଥିଲେ । ଏହାପରେ ସେ ଧୈର୍ଯ୍ୟ ହରାଇଥିଲେ । ତାଜମିନ ୧୦୧ (୧୫ଚୌକା, ୧ଛକା) ରନ୍ କରି ଆଉଟ୍ ହୋଇଥିଲେ । ପରେ ପରେ ଦଳ ଆଉ ୨ଟି ୱିକେଟ୍ ହରାଇଥିଲେ ମଧ ଲସ୍ ଅପରାଜିତ ରହି ଦଳକୁ ଜିତାଇଥିଲେ । ସେ ୧୦ଚୌକା, ୧ଛକା ବଳରେ ୮୩ରନ୍ କରିଥିଲେ।

## ବୈଭବଙ୍କୁ ଫିଟନେସ ଚେତାବନୀ

ନୂଆଦିଲ୍ଲୀ,୭।୧୦:ଭାରତର ୧୯ ବର୍ଷରୁ କମ ଦଳ ବର୍ତ୍ତମାନ ଅଷ୍ଟ୍ରେଲିଆ। ଗସ୍ତରେ ଅଛି। ଏଠାରେ ଯୁବ ଖେଳାଳିମାନେ ସେମାନଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ସହିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଦଳର ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀ। ଆଜିକାଲି ଚର୍ଚ୍ଚାରେ ଅଛନ୍ତି ଏବେ ସେ ତାଙ୍କ ପ୍ରଦର୍ଶନ ପାଇଁ ନୁହେଁ, ବରଂ ତାଙ୍କ ଫିଟନେସ ପାଇଁ। ପୂର୍ବତନ ଟିମ ଇଣ୍ଡିଆ ବ୍ୟାଟିଂ କୋଚ ବିକ୍ରମ ରାଠୌର ବୈଭବଙ୍କୁ ତାଙ୍କ ଫିଟନେସ ବିଷୟରେ ଚେତାବନୀ ଦେଇ କହିଛନ୍ତି, ଭାରତ ଫେରିବା ପରେ ତାଙ୍କର ଯାଞ୍ଚ କରାଯିବ।



ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜ ଦ୍ୱାରା ଶେୟାର କରାଯାଇଥିବା ଏକ ଭିଡିଓ କଲ ବିକ୍ରମ ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କ ମଧ୍ୟରେ ଏକ ବାର୍ତ୍ତାଳାପ ଦେଖାଉଛି।ଏହି କଲରେ, ରାଠୌର ପ୍ରଥମେ ହସି ବୈଭବଙ୍କୁ ଅଷ୍ଟ୍ରେଲିଆରେ ତାଙ୍କ ଅଭିଜ୍ଞତା ବିଷୟରେ ପଚାରନ୍ତି, କିନ୍ତୁ ତାପରେ ହଠାତ୍ ଫିଟନେସ ବିଷୟକୁ ଆସନ୍ତି। ରାଠୋର କଲରେ ବୈଭବଙ୍କୁ ପଚାରନ୍ତି, ତୁମର ଫିଟନେସ କିପରି ଅଛି ? ବୈଭବ ଉତ୍ତର ଦେଛନ୍ତି, ଫିଟନେସ ଭଲ ଚାଲିଛି, କିନ୍ତୁ କୋଚ ତାଙ୍କ ଉତ୍ତରରେ ସହମତ ହେବା ପରି ମନେ ହେଉ ନ ଥିଲା। ଏହା ସ୍ପଷ୍ଟ ଯେ ରାଠୋର ବୈଭବଙ୍କୁ ତାଙ୍କ ଫିଟନେସ ଉପରେ ଅଧିକ ଗମ୍ଭୀରତାର ସହ କାମ କରିବାକୁ ଚାହୁଁଛନ୍ତି।ଭାରତ ଫେରିଲେ ତୁମର ଫିଟ୍‌ନେସ୍ ଯାଞ୍ଚ କରାଯିବ ବୋଲି କହିଛନ୍ତି। ବୈଭବଙ୍କୁ ଆନୁଷ୍ଠାନିକ ଭାବରେ ଚେତାବନୀ ଦିଆଯାଇଛି। ଦଳ ପରିଚାଳନା ତାଙ୍କୁ ସ୍ପଷ୍ଟ କରିଛି ଯେ, ଫିଟନେସ ମାନଦଣ୍ଡ ସହିତ କୌଣସି ସାଲିସ କରାଯିବ ନାହିଁ। ଭାରତ ଫେରିବା ପରେ ତାଙ୍କର ଫିଟନେସ ପରୀକ୍ଷା କରାଯିବ। ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ କାରଣ ବୈଭବଙ୍କୁ ରାଜସ୍ଥାନ ରୟାଲ୍ସର ଭବିଷ୍ୟତର ସମ୍ଭାବନା ଭାବରେ ଦେଖାଯାଉଛି ଏବଂ ଦଳ ତାଙ୍କୁ ପରବର୍ତ୍ତୀ ସ୍ତରରେ ବିକଶିତ କରିବାକୁ ଚାହୁଁଛି। ଅଷ୍ଟ୍ରେଲିଆ। ଗସ୍ତର ପ୍ରଥମ ଅଭ୍ୟାସ ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ ୧୧୩ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏହା ଏପର୍ଯ୍ୟନ୍ତ ତାଙ୍କ କ୍ୟାରିୟରର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା।

## ଭାରତୀୟ ବଂଶୋଦ୍ଭବ କ୍ରିକେଟ ହରଜସଙ୍କ ତ୍ରିଶତକ

ସିଡନୀ,୭।୧୦:ଭାରତୀୟ ବଂଶୋଦ୍ଭବ ଅଷ୍ଟ୍ରେଲିୟ ଖେଳାଳି ହରଜସ ସିଂହ ୫୦ ଓଭର କ୍ରିକେଟରେ ତ୍ରିଶତକ ହାସଲ କରିଛନ୍ତି ।ସେ ୩୫ ଛକା ସହିତ ୧୪୧ ବଲରେ ୩୧୪ ରନ କରିଥିଲେ ଗତ ବର୍ଷ, ହରଜସ ୧୯ ବର୍ଷରୁ କମ ବିଶ୍ୱକପ ଫାଇନାଲରେ ଭାରତ ବିପକ୍ଷରେ ଏକ ଚମତ୍କାର ଇନିଂସ ଖେଳିଥିଲେ। ଏଥିରେ ଅଷ୍ଟ୍ରେଲିଆ। ଭାରତକୁ ୭୯ ରନରେ ପରାସ୍ତ କରିଥିଲା। ସେହି ଟାଇଟଲ ମ୍ୟାଚ ରେ ଅର୍ଦ୍ଧଶତକ ହାସଲ କରିଥିବା ହରଜସ ଏକମାତ୍ର ବ୍ୟାଟସମ୍ୟାନ ଥିଲେ। ହରଜସ ଏବେ ଅଷ୍ଟ୍ରେଲିଆରେ ଘରୋଇ କ୍ରିକେଟରେ ଏହି ବିସ୍ଫୋରକ ଇନିଂସ ଖେଳିଛନ୍ତି। ସେ ତାଙ୍କ ସାମ୍ନାରେ ଥିବା ପ୍ରତ୍ୟେକ ବୋଲରଙ୍କୁ ପ୍ରହାର କରିଥିଲେ। ୱେଷ୍ଟର୍ଣ୍ଣ ସବର୍ବସ କ୍ଲବ ପାଇଁ ଖେଳୁଥିବା ହରଜସ ସିଡନୀ କ୍ରିକେଟ କ୍ଲବ ବିପକ୍ଷରେ ଏହି ଐତିହାସିକ ଇନିଂସ ଖେଳିଥିଲେ। ହରଜସ ଅଷ୍ଟ୍ରେଲିଆର ନ୍ୟୁ ସାଉଥ ୱେଲ୍ସ ପ୍ରିମିୟର ପ୍ରଥମ-ଗ୍ରେଡ କ୍ରିକେଟରେ ତ୍ରିଶତକ ହାସଲ କରିଥିବା କେବଳ ତୃତୀୟ ଖେଳାଳି ତାଙ୍କ ପୂର୍ବରୁ ଫିଲ ଜାକ୍ସ (୩୨୧) ଏବଂ କିମ୍ବଦନ୍ତୀ ଭିକ୍ଟର ଟ୍ରମ୍ପର୍ (୩୩୫) ଅଛନ୍ତି କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ହରଜସ ଏହି ତ୍ରିଶତକ ୫୦ ଓଭର ଫର୍ମାଟରେ ମାରିଥିଲେ ।ଏହା ୫୦ ଓଭର କ୍ରିକେଟ ଇତିହାସରେ ପ୍ରଥମ ତ୍ରିଶତକ।



## ଘନ ଘନ ପ୍ରଶ୍ନରେ ନକଭି ଚୁପ୍

ନୂଆଦିଲ୍ଲୀ,୭।୧୦: ପାକିସ୍ତାନୀ କ୍ରିକେଟର ଅବରାର ଅହମ୍ମଦଙ୍କ ବିବାହ କରାଚୀରେ ହୋଇଛି। ଯେଉଁଥିରେ ପିସିବି ଅଧ୍ୟକ୍ଷ ମୋହସିନ ନକଭି ଯୋଗ ଦେଇଥିଲେ ସେ ଭାରତର ଏସିଆ। କପ ୨୦୨୫ ଟ୍ରଫି ସାଙ୍ଗରେ ନେଇଯାଇଥିବାରୁ ସେ ଅନେକ ଦିନ ଧରି ଖବରରେ ଅଛନ୍ତି। ଅବରାରଙ୍କ ବିବାହରେ ମଧ ଏହି ପ୍ରଶ୍ନରୁ ବଞ୍ଚି ପାରିଲେ ନାହିଁ। ଜଣେ ଖବରଦାତା ପଚାରିଥିଲେ କି ସୂର୍ଯ୍ୟକୁମାର ଯାଦବ ଟ୍ରଫି ଗ୍ରହଣ କରିବାକୁ ମନା କରିନଥିଲେ। ଆଉ ଏକ ପ୍ରଶ୍ନ ନକଭିଙ୍କୁ ପଚାରିଥିଲେ: ଏସିଆ। କପର ଭବିଷ୍ୟତ ଏବେ କଣ। ତେବେ ପ୍ରଶ୍ନବାଣରେ ନକଭି ସମ୍ପୂର୍ଣ୍ଣ ଚୁପ୍ ହୋଇଯାଇଥିଲେ। ନକଭି ହସିଥିଲେ ତାଙ୍କ ପାଖେ ଏହାର ଉତ୍ତର ନଥିବା ପରି ମନେ ହେଉଥିଲା ।ପୁଣି ଖବରଦାତା ପଚାରିଲେ,ଏସିଆ। କପର ଭବିଷ୍ୟତ କଣ ? ନକଭି କେବଳ ହସିଲେ, ଆଉ ନୀରବ ରହିଲେ।

## ବିବାଦରେ ଆମେରିକୀୟ ଚେସ୍ ଖେଳାଳି ନାକାମୁରା

ନୂଆଦିଲ୍ଲୀ,୬।୧୦: ଆମେରିକୀୟ ଷ୍ଟାର ଚେସ୍ ଖେଳାଳି ହିକାରୁ ନାକାମୁରା ଏବେ ଖୁବ୍ ଚର୍ଚ୍ଚାରେ ଅଛନ୍ତି ଆମେରିକା ବନାମ ଭାରତ ଚେକମେଟ୍ ଟୁର୍ଣ୍ଣାମେଣ୍ଟ ସମୟରେ ନାକାମୁରାଙ୍କ କାର୍ଯ୍ୟକଳାପକୁ ନେଇ ଆରମ୍ଭ ହୋଇଛି ବିବାଦ। ନାକାମୁରା ବିଶ୍ୱ ଚାମ୍ପିଅନ୍ ତଥା ଭାରତୀୟ ଖେଳାଳି

### ୱାର୍ଲ୍ଡ ଚମ୍ପିଆନ୍ ଗୁକେଶଙ୍କୁ ହରାଇବା ପରେ ଫେପାଡିଲେ କିଙ୍ଗ୍

ଡି. ଗୁକେଶଙ୍କୁ ହରାଇବା ପରେ, ଚେସ୍ ବୋର୍ଡରୁ ଗୁକେଶଙ୍କ କିଙ୍ଗ ମୋହରାକୁ ଉଠାଇ ଦର୍ଶକଙ୍କ ଆଡ଼କୁ ଫିଙ୍ଗି ଦେଇଥିଲେ ନାକାମୁରାଙ୍କ ଏଭଳି ବ୍ୟବହାର ଖେଳ ଭାବନାର ବିରୋଧରେ ଥିବାରୁ, ତାହାକୁ ନେଇ ଆରମ୍ଭ ହୋଇଛି ବିବାଦ। ଏହି ଟୁର୍ଣ୍ଣାମେଣ୍ଟରେ ଆମେରିକା ଭାରତକୁ ୫-୦ ରେ ହରାଇଥିଲା।



ନାକାମୁରାଙ୍କ କାର୍ଯ୍ୟ ବହୁ ପୂର୍ବତନ ଚେସ୍ ଖେଳାଳିଙ୍କୁ ପସନ୍ଦ ଆସିନି। ପୂର୍ବତନ ଚେସ୍ ୱାର୍ଲ୍ଡ ଚାମ୍ପିଅନ୍ ଭ୍ଲାଦିମିର କ୍ରାମନିକ୍ ନାକାମୁରାଙ୍କ ଆଚରଣକୁ ସମ୍ପୂର୍ଣ୍ଣ ଅସମ୍ମାନଜନକ ବୋଲି କହିଛନ୍ତି। ରୁଷିଆନ୍ ଲିଜେଣ୍ଡ କ୍ରାମନିକ୍ ଏକ୍ସ ରେ ଲେଖିଛନ୍ତି, ମୁଁ ଜାଣି ପାରୁନି କାହିଁକି ଏଭଳି ପିଲାଳିଆମୀ କାମ କରିଛନ୍ତି । ଏହା ଗୁକେଶଙ୍କୁ ଅପମାନିତ କରିବା ପାଇଁ ଉଦ୍ଦେଶ୍ୟ ନଥିଲା, କିନ୍ତୁ ଏହି ସାର୍ବଜନୀନ ସ୍ଥାନରେ ଏଭଳି କାର୍ଯ୍ୟ ବିଶେଷ ଭାବରେ ଅପମାନଜନକ। ଭ୍ଲାଦିମିର କ୍ରାମନିକ କହିଛନ୍ତି , ଏପରି ସେଲିବ୍ରେସନ୍ ଚେସର ମର୍ଯ୍ୟାଦାକୁ ହ୍ରାସ କରୁଛି ।ହିକାରୁ ନାକାମୁରା ତାଙ୍କର ଏଭଳି କାର୍ଯ୍ୟ ପାଇଁ କୌଣସି କ୍ଷମା ପ୍ରାର୍ଥନା କରିନାହାଁନ୍ତି।

ତଥାପି, ପରେ ରିପୋର୍ଟ ସାମନାକୁ ଆସିଛି ଯେ, କିଙ୍ଗ ମୋହରାକୁ ଫିଙ୍ଗିବାର କାର୍ଯ୍ୟ ଆୟୋଜକଙ୍କ ଦ୍ୱାରା ପୂର୍ବରୁ ପ୍ଲାନିଂ କରାଯାଇଥିଲା। ପ୍ରସିଦ୍ଧ ଚେସ୍ ବିଶେଷଜ୍ଞ ଲେଭି ରୋଜମ୍ୟାନ୍ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ କହିଛନ୍ତି, ଏହା ଏକ ଅପ୍ରତ୍ୟାଶିତ ଏବଂ ଅସମ୍ମାନଜନକ କାର୍ଯ୍ୟ ପରି ମନେ ହୋଇପାରେ। କିନ୍ତୁ ଆୟୋଜକମାନେ ଆମକୁ ଏହା କରିବାକୁ ଉତ୍ସାହିତ କରିଥିଲେ। ଏହା ସବୁ ମନୋରଞ୍ଜନ ପାଇଁ ଥିଲା। ଅନ୍ୟପକ୍ଷେ ନାକାମୁରା ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ତାଙ୍କର ଅଭିଜ୍ଞତା ମଧ୍ୟ ସେୟାର କରିଥିଲେ। ସେ କହିଥିଲେ, ଏହା ମୋର ସର୍ବୋତ୍ତମ ବ୍ୟକ୍ତିଗତ ଅଭିଜ୍ଞତା ମଧ୍ୟରୁ ଗୋଟିଏ ଥିଲା। ଆମେ ଏତେ ଦିନ ଧରି ଚେସ୍ ଖେଳୁଛୁ। ଜିତିବାର ଉତ୍ସବ ଏକାକୀ ପାଳନ ସାଧାରଣ କଥା ହୋଇଗଲାଣି । ଭାରତୀୟ ଖେଳାଳିମାନେ, ଯଦିଓ ହାରିଯାଇଥିଲେ, କିନ୍ତୁ ସେ ଭଲ ଖେଳିଥିଲେ। ଏହି ଇଭେଣ୍ଟ ମୋର ଆଶାଠାରୁ ବହୁତ ଭଲ ଥିଲା।

# ନିଜ ଚିନ୍ତାଧାରାକୁ ଅନ୍ୟ ଉପରେ ଲଦି ଦେଉଥିଲେ ରୋହିତ !

ନୂଆଦିଲ୍ଲୀ,୭।୧୦: ଭାରତୀୟ କ୍ରିକେଟ କିମ୍ବଦନ୍ତୀ ରୋହିତ ଶର୍ମାଙ୍କୁ ସବୁବେଳେ ଶାନ୍ତ ଏବଂ ଅଧିନାୟକ୍ ଅପେକ୍ଷା ଖେଳାଳିମାନଙ୍କୁ ପ୍ରାଥମିକତା ଦେଉଥିବା ଦେଖାଯାଇଛି ତଥାପି, ତାଙ୍କ ସମ୍ପର୍କରେ ଏକ ଆଶ୍ଚର୍ଯ୍ୟଜନକ ରିପୋର୍ଟ ସାମ୍ନାକୁ ଆସିଛି, ଯାହା କ୍ରିକେଟ ଜଗତକୁ ଚକିତ କରିଦେଇଛି।




ରିପୋର୍ଟ ଅନୁଯାୟୀ, ଯଦି ରୋହିତ ଶର୍ମା ଅଧିନାୟକ ଭାବରେ ରହିଥାନ୍ତେ, ତେବେ ସେ ଦଳର ସଂସ୍କୃତିକୁ ବିପର୍ଯ୍ୟସ୍ତ କରିପାରିଥାନ୍ତେ ଟାଇମ୍ସ ଅଫ ଇଣ୍ଡିଆ। ରିପୋର୍ଟରେ ଦାବି କରାଯାଇଛି ଯେ ଚୟନକର୍ତ୍ତାମାନେ ରୋହିତଙ୍କୁ ଦଳ ଉପରେ ତାଙ୍କର ମତାମତ ଲଦିବାକୁ ଚାହୁଁ ନଥିଲେ ସେମାନେ ଭୟ କରୁଥିଲେ ଯେ ରୋହିତ ଦଳର ସଂସ୍କୃତିକୁ ବିପର୍ଯ୍ୟସ୍ତ କରୁଛନ୍ତି। ପ୍ରକୃତରେ, ବିସିସିଆଇର ର ଏକ ସୂତ୍ର ଟାଇମ୍ସ ଅଫ ଇଣ୍ଡିଆକୁ କହିଛି ,ରୋହିତ ( ଅଧିନାୟକ ଭାବରେ ରୋହିତ ଶର୍ମା) ଅଧିନାୟକ ଭାବରେ ଡ୍ରେସିଂ ରୁମରେ ଖେଳାଳିମାନଙ୍କ ଉପରେ ନିଜର ମତାମତ ଲଦିବା ପାଇଁ ଜଣାଶୁଣା ଥିଲେ, କିନ୍ତୁ କେବଳ ଫର୍ମାଟରେ ଖେଳିବା, ବିଶେଷକରି ଯେଉଁ ଫର୍ମାଟରେ ଆପଣ କମ ଖେଳନ୍ତି, ତାହା ଦଳର ସଂସ୍କୃତିକୁ ବିପର୍ଯ୍ୟସ୍ତ କରିଥାନ୍ତା ।ରିପୋର୍ଟରେ ଏହା ମଧ ପ୍ରକାଶ ପାଇଛି ଯେ ଗୌତମ ଗମ୍ଭୀର କୋଚ ହେବା ପରେ ପ୍ରଥମ ଛଅ ମାସ ପର୍ଯ୍ୟନ୍ତ ଦଳର କାର୍ଯ୍ୟକଳାପରେ ହସ୍ତକ୍ଷେପ କରି ନଥିଲେ, ଏବଂ ରୋହିତ ସମସ୍ତ ନିଷ୍ପତ୍ତି ନେଇଥିଲେ ଟିମ ଇଣ୍ଡିଆ। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଘରୋଇ ସିରିଜ ଏବଂ ଅଷ୍ଟ୍ରେଲିଆ। ବିପକ୍ଷ ବିଦେଶ ସିରିଜ ହାରିବା ପରେ ଗମ୍ଭୀରଙ୍କ ଦଳରେ ହସ୍ତକ୍ଷେପ ଆରମ୍ଭ ହୋଇଥିଲା ।ଅଷ୍ଟ୍ରେଲିଆ। ଗସ୍ତ ପାଇଁ ଭାରତୀୟ ଦଳ ପାଇଁ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କୁ ଚୟନ କରାଯାଇଛି ରୋହିତ ଶର୍ମାଙ୍କଠାରୁ ଅଧିନାୟକ ପଦ କାଢ଼ି ନିଆଯାଇଛି, ଏବଂ ଶୁଭମନ ଗିଲଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଛି।

ରୋହିତ ଏବଂ ବିରାଟଙ୍କୁ ଦଳରେ ସାମିଲ କରାଯାଇଥିଲେ ମଧ୍ୟ, ୨୦୨୭ ବିଶ୍ୱକପରେ ସେମାନଙ୍କର ଅଂଶଗ୍ରହଣ ଏପର୍ଯ୍ୟନ୍ତ ଅନିଶ୍ଚିତ ଉଲ୍ଲେଖନୀୟ ଯେ ରୋହିତ ଏବଂ ବିରାଟ କୋହଲି ୨୦ ଏବଂ ଟେଷ୍ଟ ଉଭୟ ଫର୍ମାଟରୁ ଅବସର ନେଇସାରିଛନ୍ତି, ଏବଂ ଏହା ଅସ୍ପଷ୍ଟ ଯେ ସେମାନେ ଅଷ୍ଟ୍ରେଲିଆ। ଗସ୍ତ ପରେ କିମ୍ବା କେବେ ରୁ ଅବସର ଘୋଷଣା କରିବେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ